# ଜଣେ ଲିଜ୍‌ଧାରୀ ୧ କୋଟି ୧୮ ଲକ୍ଷ ଟଙ୍କା ଜରିମାନା ଦେଲେ

**ପୁରୀ,୯।୮(ଅଜିତ କୁମାର ମହାନ୍ତି)**

ଖୋର୍ଦ୍ଧା ଜିଲାରେ ମହାପ୍ରଭୁଙ୍କ ନାମରେ ଥିବା ୧୯ଟି ଖଣିରୁ ଲିଜ୍‌ଧାରୀମାନେ ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ପରିମାଣର ନିର୍ମାଣ ପଥର ଓ ମାଙ୍କଡ଼ା ପଥର ଉତ୍ତୋଳନ କରିଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ରୟାଲ୍‌ଟି ଓ ଜରିମାନା ମୂଲ୍ୟ ଦାଖଲ କରିବାକୁ ୧୯ ଜଣ ଖଣିଲିଜଧାରୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ କ୍ରମେ ନୋଟିସ ଜାରି ହୋଇଥିଲା। ନୋଟିସ ପାଇବା ପରେ ଧନିଆ ପଶ୍ଚିମ 'ଗ' ନିର୍ମାଣ ପଥର ଖଣିର ଲିଜ୍‌ଧାରୀ ଜରିମାନା ଦାଖଲ କରିଛନ୍ତି। ଶୁକ୍ରବାର ସେ ଜରିମାନା ବାବଦକୁ ୧ କୋଟି ୧୮ ଲକ୍ଷ ଟଙ୍କା ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ମୁଖ୍ୟ ପ୍ରଶାସକ ଖଣି ଲିଜଧାରୀମାନଙ୍କୁ କେଉଁ ପରିସ୍ଥିତିରେ ଏଭଳି ବ୍ୟତିକ୍ରମ ହେଲା କୈଫିୟତ ଦାଖଲ କରିବାକୁ ନୋଟିସ୍ ଜାରି କରିଥିଲେ। ଏଥିରେ ଖିଲାପ ହେଲେ ଖଣିର ଚୁକ୍ତିପତ୍ର ରଦ୍ଦ ସହ ସଂପୃକ୍ତ ଲିଜ୍‌ଧାରୀଙ୍କୁ କଳା ତାଲିକାଭୁକ୍ତ କରାଯିବ ବୋଲି କହିଥିଲେ।

# ହର୍ ଘର୍ ତ୍ରିରଙ୍ଗା ଅଭିଯାନ ବ୍ୟାପକ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୯।୮ (ସୁନିତ୍ ମିଶ୍ର)**

ହର୍ ଘର୍ ତିରଙ୍ଗା ଅଭିଯାନକୁ ବ୍ୟାପକ କରିବାକୁ ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିବାବେଳେ ସମସ୍ତ ଜିଲାର ଜିଲାପାଳ ଆଭାସୀ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅଭିଯାନକୁ ବ୍ୟାପକ କରିବା ନେଇ ଉନ୍ନୟନ କମିଶନର ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଏହି ଅଭିଯାନ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ମିଶନ ଶକ୍ତି ବିଭାଗ ଆଦି ସହଯୋଗରେ କରାଯାଉଛି। ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରେ ତ୍ରିରଙ୍ଗା ଯାତ୍ରା, ତ୍ରିରଙ୍ଗା ଶୋଭାଯାତ୍ରା, ତ୍ରିରଙ୍ଗା ଗଣଦୌଡ଼, ତ୍ରିରଙ୍ଗା ସଙ୍ଗୀତ ସମାରୋହ, ତ୍ରିରଙ୍ଗା ଶପଥ, ତ୍ରିରଙ୍ଗା ସେଲ୍‌ଫି, ସମ୍ବର୍ଦ୍ଧନା, ତ୍ରିରଙ୍ଗା କାନ୍‌ଭାସ, ତ୍ରିରଙ୍ଗା ମେଳା ଆଦି ରହିଛି। ଏ ସମ୍ପର୍କରେ ଜିଲାପାଳମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ସାଙ୍ଗକୁ ମତାମତ ଗ୍ରହଣ ପୂର୍ବକ ଆବଶ୍ୟକ ପରାମର୍ଶ ଦିଆଯାଇଛି। ରାଜ୍ୟ ତଥା ଜିଲାରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନକୁ ବ୍ୟାପକ କରିବାକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ବ୍ୟାପକ ପ୍ରଚାରପ୍ରସାର କରାଯିବା ନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଅଭିଯାନରେ ରାଜ୍ୟରେ ଅଗଷ୍ଟ ୧୩ ତାରିଖରେ ଜିଲାସ୍ତରରେ ତ୍ରିରଙ୍ଗା ଯାତ୍ରା ଓ ଅଗଷ୍ଟ ୧୩ ରୁ ୧୫ତାରିଖ ମଧ୍ୟରେ ଜିଲାର ସମସ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ତ୍ରିରଙ୍ଗା ଶପଥ ପାଠ ଅନୁଷ୍ଠିତ ହେବ।



ଭୁବନେଶ୍ୱର ଶହୀଦ ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ଶୁକ୍ରବାର ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତି ପକ୍ଷରୁ ଆୟୋଜିତ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

# ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ାରେ ନୂଆ ରେଳ ନେଟ୍‌ୱର୍କ

## ୭ ରାଜ୍ୟରେ ୮ ନୂଆ ରେଳପଥ ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ | ୯୦୦ କି.ମି. ପାଇଁ ୨୪,୬୫୭ କୋଟି

**ନୂଆଦିଲ୍ଲୀ,୯।୮(ପି.ଟି.)**

ଓଡ଼ିଶା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ବିହାର, ତେଲଙ୍ଗାନା ଓ ପଶ୍ଚିମବଙ୍ଗର ୧୪ ଜିଲାରେ ୮ ନୂଆ ରେଳପଥ ପ୍ରକଳ୍ପ ନିର୍ମାଣ ପ୍ରସ୍ତାବକୁ ଶୁକ୍ରବାର କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ଏଥିସକାଶେ ୨୪,୬୫୭ କୋଟି ଟଙ୍କା ମଞ୍ଜୁର କରିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ୭ ରାଜ୍ୟର ୧୪ ଜିଲାରେ ୯୦୦ କି.ମି. ରେଳ ନେଟ୍‌ୱର୍କ ଯୋଡ଼ାଯିବ। ଏହି ପ୍ରକଳ୍ପଗୁଡ଼ିକ ସହ ୬୪ ନୂଆ ଷ୍ଟେଶନ ନିର୍ମାଣ କରାଯିବ। ଉକ୍ତ ଷ୍ଟେଶନଗୁଡ଼ିକ ୬ ମହତ୍ତ୍ୱାକାଂକ୍ଷୀ ଜିଲା ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ପୂର୍ବ ସିଂହଭୂମ, ଭଦାଦ୍ରି, କୋଠଗୁଡ଼େମର ଯୋଗାଯୋଗ ଭିତ୍ତିଭୂମିକୁ ମଜଭୁତ କରିବ। ଏହାଦ୍ୱାରା ୧୫୦ ଗ୍ରାମର ପ୍ରାୟ ୪୦ ଲକ୍ଷ ଲୋକ ଉପକୃତ ହେବେ। ୮ ରେଲୱେ ଲାଇନ୍ ମଧ୍ୟରୁ ୪ ଗୁଣପୁର-ଥେରୁବାଲି (ନୂଆ ଲାଇନ୍), ଜୁନାଗଡ଼-ନବରଙ୍ଗପୁର, ବାଦାମପାହାଡ଼-କେନ୍ଦୁଝରଗଡ଼ ଓ ବାଙ୍ଗିରିପୋଷି-ଗୋରୁମହିଷାଣି ଓଡ଼ିଶାର ହୋଇଥିବାବେଳେ ଗୋଟିଏ ମାଲକାନଗିରି-ପାଣ୍ଡୁରଙ୍ଗପୁରମ୍ (ଭାୟା ଭଦ୍ରାଚଳମ୍) ଓଡ଼ିଶା, ଆନ୍ଧ୍ର ଓ ତେଲଙ୍ଗାନା ଦେଇ ଗତିଶୀଳ। ସେହିପରି ବୁରାମାରା ଓ ଚକୁଳିଆ ମଧ୍ୟରେ ଥିବା ରେଳ ଲାଇନ୍ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ରହିଛି। ଅନ୍ୟ ୨ ନୂଆ ଲାଇନ୍ ଜଲନା-ଜଲଗାଓଁ ଏବଂ ବିକ୍ରମଶୀଳା-କଟରେଆହ ଯଥାକ୍ରମେ ମହାରାଷ୍ଟ୍ର ଓ ବିହାରରେ ଅବସ୍ଥିତ। ପ୍ରସ୍ତାବିତ ନୂତନ ରେଳପଥ ପ୍ରତ୍ୟକ୍ଷ ଯୋଗାଯୋଗର ମାଧ୍ୟମ ପାଲଟିବା ସହ ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହେବ। ଏଥିସହ ଭାରତୀୟ ରେଳପଥର ସେବା ପ୍ରଦାନକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ରେଳମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ୧୫,୦୦୦ କୋଟି ଟଙ୍କାର ଉପହାର ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ଼ କରିବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୯।୮(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ କମିଟି ବୈଠକରେ ପୂର୍ବ ଭାରତ ରାଜ୍ୟ ସମୂହ ବିଶେଷତଃ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ରେଳ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରାୟ ୧୭, ୫୦୦ କୋଟି ଟଙ୍କା ଏବଂ କେବଳ ଓଡ଼ିଶାକୁ ୧୫,୦୦୦ କୋଟି ଟଙ୍କା ଦିଆଯାଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପୂର୍ବୋଦୟ ଯୋଜନାରେ ମୋଦି ସରକାରଙ୍କ ଏହା ବଡ଼ ଉପହାର ବୋଲି ସେ କହିଛନ୍ତି। ଓଡ଼ିଶାର ପ୍ରମୁଖ ଆକାଂକ୍ଷୀ ପ୍ରକଳ୍ପ ଆଦି ଅନେକ ନୂଆ ରେଳ ଲାଇନ ପ୍ରକଳ୍ପ ସକାଶେ କ୍ୟାବିନେଟ ମଞ୍ଜୁର ଦେଇଥିବାରୁ ଏହା ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଜିଲାରେ ଆର୍ଥିକ ଅଭିବୃଦ୍ଧି ହେବା ସହ ପର୍ଯ୍ୟଟନ ଏବଂ ନିଯୁକ୍ତି ସୁଯୋଗ ବଢ଼ିବ। ଆଭ୍ୟନ୍ତରୀଣ ଅଞ୍ଚଳରୁ ଗୋପାଳପୁର ଏବଂ ଧାମରା ବନ୍ଦର ସହ ସଂଯୋଗୀକରଣ ବୃଦ୍ଧି ହେବ। ଯାତ୍ରୀ ସୁବିଧା ସହ ମାଲବାହୀ ପରିବହନ ସହଜ ହେବ। ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଶିଳ୍ପାଞ୍ଚଳର ବିକାଶ ହେବ। ଏକବିଂଶ ଶତାବ୍ଦୀରେ ନୂଆ ଭିତ୍ତିଭୂମିର ଢାଞ୍ଚା ପୂର୍ବୋଦୟ ଯୋଜନାରେ ସାକାର ହେବ। ସେହିପରି ସମଗ୍ର ଭାରତବର୍ଷର ସବୁ ଗରିବ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଏବଂ ସହରୀ ଯୋଜନାର ସମୟସୀମାକୁ ଆସନ୍ତା ୫ବର୍ଷ ବୃଦ୍ଧି କରାଯାଇଛି। ଉଭୟ ଗ୍ରାମୀଣ ଓ ସହର ପାଇଁ ମୋଟ ୩ କୋଟି ଘର ନିର୍ମାଣ ପାଇଁ ୫ ଲକ୍ଷ ୩୬ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ବିଶେଷକରି ଓଡ଼ିଶାର ଗରିବ ତଥା ଯୋଗ୍ୟ ହିତାଧିକାରୀମାନେ ପକ୍କାଘର ପାଇ ଉପକୃତ ହେବେ ବୋଲି ପ୍ରଧାନ କହିଛନ୍ତି।

# ଘରଡିହ ଶୂନ୍ୟ ପରିବାରକୁ ଡିସେମ୍ବର ୩୧ ସୁଦ୍ଧା ପଟ୍ଟା

**ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୫ ସୁଦ୍ଧା ସରିବ ସର୍ବେକ୍ଷଣ**

**ଭୁବନେଶ୍ୱର,୯।୮(ସୁନିତ୍ ମିଶ୍ର)**

ରାଜ୍ୟର ସମସ୍ତ ଘରଡିହ ଶୂନ୍ୟ ପରିବାରଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଘରଡିହ ପଟ୍ଟା ଯୋଗାଇଦିଆଯିବ। ଘରଡିହ ଶୂନ୍ୟ ପରିବାରମାନଙ୍କ ସର୍ବେକ୍ଷଣ କାର୍ଯ୍ୟ ଆସନ୍ତା ୧୬ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୫ ସୁଦ୍ଧା ସମାପ୍ତ କରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଏନେଇ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ଜନସାଧାରଣଙ୍କ ମଧ୍ୟରେ କିପରି ସଚେତନତା ସୃଷ୍ଟି କରାଯାଇପାରିବ ସେନେଇ ଗଣମାଧ୍ୟମ ଜରିଆରେ ପ୍ରଚାରପ୍ରସାର ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ସର୍ବେକ୍ଷଣ କାର୍ଯ୍ୟ ସମାପ୍ତ ହେବାପରେ ଯୋଗ୍ୟ ବିବେଚିତ ସମସ୍ତ ଘରଡିହ ଶୂନ୍ୟ ପରିବାରକୁ ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ଘରଡିହ ପଟ୍ଟା ପ୍ରଦାନ କାର୍ଯ୍ୟ ଶେଷ କରିବା ଲାଗି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୮ରେ ହୋଇଥିବା ସର୍ଭେର ବଳକା ଘରଡିହ ଶୂନ୍ୟ ପରିବାରକୁ ତୁରନ୍ତ ଘରଡିହ ପଟ୍ଟା ପ୍ରଦାନ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ମାପଦଣ୍ଡରେ ବଳକା ହିତାଧିକାରୀମାନଙ୍କୁ ସର୍ଭେକରି ତାଲିକା ପ୍ରସ୍ତୁତ କରିବା ସହ ୨୦,୨୭୬ ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନକୁ ସେମାନଙ୍କ ଦଖଲରେ ଥିବା ସରକାରୀ ଜମିକୁ ସେମାନଙ୍କ ରେକର୍ଡଭୁକ୍ତ କରାଗଲାଣି ଓ ଶିକ୍ଷାନୁଷ୍ଠାନଗୁଡ଼ିକର ନାମରେ ଜମି ରେକର୍ଡ କରିବାକୁ ପଦକ୍ଷେପ ଗ୍ରହଣ ଲାଗି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଧାର୍ମିକ କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପ ବନ୍ଦ ହେଉ: ଶଙ୍କରାଚାର୍ଯ୍ୟ

**ପୁରୀ,୯।୮(ଅଜିତ୍ କୁମାର ମହାନ୍ତି)**



ଧାର୍ମିକ କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପ ବନ୍ଦ ହେବା ଉଚିତ ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମତବ୍ୟକ୍ତ କରିଛନ୍ତି। ସମ୍ପ୍ରତି ବାଂଲାଦେଶରେ ଚାଲିଥିବା ଦଙ୍ଗା ସହ ବିଭିନ୍ନ ବିଷୟ ଉପରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଯେଉଁ ସ୍ଥାନରେ ତଥା ଯେଉଁ ସମୟ ପର୍ଯ୍ୟନ୍ତ ହିନ୍ଦୁମାନେ ସୁରକ୍ଷିତ ରହିଛନ୍ତି, ଅନ୍ୟ ସମ୍ପ୍ରଦାୟ ମଧ୍ୟ ସୁରକ୍ଷିତ ରହିଥାନ୍ତି। ହିନ୍ଦୁ ଅସୁରକ୍ଷିତ ହେଲେ ଅନ୍ୟମାନେ ଅସୁରକ୍ଷିତ ହୋଇପଡ଼ିବେ। କୌଣସି ତନ୍ତ୍ର ବଞ୍ଚିବ ନାହିଁ। ଆଗାମୀ ଦିନରେ ମୁସଲମାନଙ୍କ ନିମନ୍ତେ ବଡ଼ ସଙ୍କଟ ଆସୁଛି। ଏହା ତୁରନ୍ତ ବନ୍ଦ ହେବା ଉଚିତ। ଶାନ୍ତି ପ୍ରତିଷ୍ଠା ଦ୍ୱାରା ସବୁକିଛି ଉନ୍ନତି ହୋଇପାରିବ। ସେହିପରି ଦେଶରେ ଗୋ ହତ୍ୟା ବୃଦ୍ଧି ପାଉଥିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦେଶରେ ଗୋ ହତ୍ୟା ବନ୍ଦ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଗୋରୁଙ୍କ ଉପଯୋଗିତା କରାଯାଉନାହିଁ , ତେଣୁ ଗୋ ବଂଶର ବିଲୁପ୍ତି ଘଟୁଛି। ଅପରପକ୍ଷରେ ଗୋହତ୍ୟା ନେଇ କେନ୍ଦ୍ର ସରକାରଙ୍କ ନୀରବତାକୁ ଶଙ୍କରାଚାର୍ଯ୍ୟ ନାପସନ୍ଦ କରିଛନ୍ତି। ଏନେଇ ବିହିତ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ସେ କହିଛନ୍ତି। ସେହିପରି ଶ୍ରୀମନ୍ଦିରର ବିଭିନ୍ନ ପ୍ରସଙ୍ଗରେ ତାଙ୍କର ମତାମତ ନିଆଯାଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯିବା ଆବଶ୍ୟକ। ମାତ୍ର ଶ୍ରୀମନ୍ଦିର ପରିଚାଳନା କମିଟି, ପ୍ରଶାସନ ଓ ସରକାର ତାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଛନ୍ତି। ତେଣୁ ସେ ଉପରେ ପଡ଼ି କାହିଁକି କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବେ ବୋଲି ଶଙ୍କରାଚାର୍ଯ୍ୟ କରିଛନ୍ତି। ଧାର୍ମିକ କାର୍ଯ୍ୟ ଓ ଧାର୍ମିକ କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପ ହେବା ଉଚିତ ନୁହେଁ। ତେଣୁ ଅଯଥା ରାଜନୈତିକ ହସ୍ତକ୍ଷେପ ବନ୍ଦ ହେବା ଉଚିତ ବୋଲି ଶଙ୍କରାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି।

# କୃଷ୍ଣଚନ୍ଦ୍ର ମହାରଣାଙ୍କ ପରଲୋକ

**ଦେବଦଳନ ରଥର ମୁଖ୍ୟ ବିଶ୍ୱକର୍ମା ଥିଲେ**

**ପୁରୀ,୯।୮(ଅଜିତ୍ କୁମାର ମହାନ୍ତି)**



ଦର୍ପଦଳନ ରଥର ମୁଖ୍ୟ ବିଶ୍ୱକର୍ମା ମହାରଣା କୃଷ୍ଣଚନ୍ଦ୍ର ମହାରଣାଙ୍କର ଶୁକ୍ରବାର ପୁରୀ ମାର୍କଣ୍ଡେଶ୍ୱର ସାହିସ୍ଥିତ ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ପୁରୀବାସୀ ଓ ସେବାୟତଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ସହ ରଥ କାରିଗରିରେ ଏକ ଯୁଗର ଅବସାନ ଘଟିଛି। କୃଷ୍ଣଚନ୍ଦ୍ର ୭୦ରୁ ଊର୍ଦ୍ଧ୍ୱ ରଥ ଗଢ଼ିବା ସହ ୬ଥର ମହାପ୍ରଭୁଙ୍କ ନବକଳେବର କରିଥିବା ଜଣାପଡ଼ିଛି। ସେ ରଥଖଳାରେ କୃଷ୍ଣ ଅଜା ଭାବେ ପରିଚିତ ଥିଲେ। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଅଜା ବୋଲି ସମ୍ବୋଧନ କରୁଥିଲେ। ମୃତ୍ୟୁ ଖବର ପ୍ରଚାର ହେବା ପରେ ଶୁଭେଚ୍ଛୁ, ରଥ ତତ୍ତ୍ୱାବଧାରକ, ରଥ ମହାରଣା ଓ ବନ୍ଧୁମାନେ ତାଙ୍କ ବାସଭାବନକୁ ଯାଇ ଶେଷ ଦର୍ଶନ କରିଥିଲେ। ମରଶରୀର ନିକଟରେ ପୁଅ ନାରାୟଣ ମହାରଣା, ରବୀନ୍ଦ୍ର ମହାରଣା, ବାବନ ମହାରଣା, ଛବି ମହାରଣାଙ୍କ ସମେତ ଝିଅ ଓ ନାତିମାନେ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ନାରାୟଣ ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ସେ ପିଲାବେଳୁ ରଥ ନିର୍ମାଣ ଶିଖିଥିଲେ। ଚଳିତ ରଥଯାତ୍ରା ସମୟରେ ମଧ୍ୟ ପ୍ରତିଦିନ ସେ ରଥଖଳାକୁ ଯାଇ ଦର୍ପଦଳନ ରଥ ନିର୍ମାଣ ଦେଖୁଥିଲେ ଏବଂ ଏ ସମ୍ପର୍କରେ ପଚାରି ବୁଝୁଥିଲେ। ୧୯୫୦ ମସିହାରେ ତାଙ୍କୁ ୧୭ ବର୍ଷ ହୋଇଥିବା ବେଳେ ଦାଦା ହରି ମହାରଣାଙ୍କ ସହଯୋଗରେ ସେ ରଥ ନିର୍ମାଣ କାମ ଆରମ୍ଭ କରିଥିଲେ। ସେବେଠାରୁ ଆଉ ରଥକାମରୁ ବିରତି ନେଇ ନ ଥିଲେ। ଦୀର୍ଘ ୭ଦଶନ୍ଧି ଧରି ରଥ ନିର୍ମାଣ କାମରେ ନିଜକୁ ନିୟୋଜିତ କରିଥିଲେ। ୧୯୬୯ ମସିହା ପରଠୁ ସେ ମହାପ୍ରଭୁଙ୍କ ନବକଳେବର ମଧ୍ୟ କରିଆସୁଥିଲେ। ଏପରିକି ତାଙ୍କ ନେତୃତ୍ୱରେ ୨୦୦୩-୦୪ ମସିହାରେ ଶ୍ରୀମନ୍ଦିରରେ କନକମୁଣ୍ଡି ନିର୍ମାଣ ହୋଇଥିଲା ବୋଲି ଜଣାପଡ଼ିଛି।

# ହାଲ୍ ବିସ୍ଥାପିତ-ପ୍ରଶାସନ ବୈଠକ ବିଫଳ

**ବଳକା ଜମି ବିସ୍ଥାପିତଙ୍କୁ ଫେରାଇବା ପ୍ରସଙ୍ଗ**

- ଚୁକ୍ତିନାମାକୁ ସାର୍ବଜନୀନ କରନ୍ତୁ, ପ୍ରକୃତ କଥା ଜଣାପଡ଼ିବ
- କାରଖାନାର ନିଯୁକ୍ତି, ବିଲେଇଗୁଡ଼ାରେ ଥଇଥାନ ନେଇ ପ୍ରଶ୍ନ
- ଜମି ନ ମିଳିବାଯାଏ ଜାରି ରହିବ ଆନ୍ଦୋଳନ

**ସୁନାବେଡ଼ା/କୋରାପୁଟ, ୯।୮ (କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)**



କାର୍ଯ୍ୟାଳୟ ଭିତରେ କର୍ମକର୍ତ୍ତାଙ୍କୁ ନେଇ ବୈଠକ ଚାଲିଥିବା ବେଳେ ବାହାରେ ଅପେକ୍ଷା କରିଥିବା ସଂଘ ସଦସ୍ୟମାନେ।

କୋରାପୁଟ ଜିଲା ପ୍ରଶାସନ ଓ ହାଲ୍ ପ୍ରଶାସନ ସହ ହାଲ୍ ବିସ୍ଥାପିତ ସଂଘର ବୈଠକରେ ଶୁକ୍ରବାର କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ହାଲ୍ ପ୍ରଶାସନ ଓ ହାଲ୍ ବିସ୍ଥାପିତ ସଂଘ ମଧ୍ୟରେ ଦୀର୍ଘଦିନ ହେବ ଖାଲିପଡ଼ିଥିବା ଜମି ଫେରାଇବାକୁ ନେଇ ବିବାଦ ଲାଗି ରହିଥିବା ବେଳେ ଗତ ମାସ ୩୧ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରଥମ ବୈଠକ ବସିଥିଲା। ଗୁରୁବାର ଥିଲା ଦ୍ୱିତୀୟ ବୈଠକ। ଏହି ବୈଠକ ବିଫଳ ହୋଇଛି ବୋଲି ବିସ୍ଥାପକ ସଂଘ ସଭାପତି ତ୍ରିଲୋଚନ ମୁଦୁଲି କହିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଗୁରୁବାର ସନ୍ଧ୍ୟାରେ କୋରାପୁଟ ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠରେ ବସିଥିବା ବୈଠକରେ ବହୁ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ପାରି ନ ଥିଲା। ସରକାରଙ୍କ ନିୟମ ମୁତାବକ ବ୍ୟବହାର ହେଉ ନ ଥିବା ଜମିକୁ ପ୍ରଶାସନ ଜମିମାଲିକମାନଙ୍କୁ ହସ୍ତାନ୍ତର କରିବାକୁ ବିସ୍ଥାପିତ ସଂଘର ଦାବି ଥିଲା, ଏହା ହସ୍ତାନ୍ତର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସରକାର କିମ୍ବା ହାଲ୍ ପ୍ରଶାସନ ଜମି ଅଧିଗ୍ରହଣ ସମୟରେ ଜମି ମାଲିକଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ସାର୍ବଜନୀନ କରନ୍ତୁ, ଫଳରେ ସେତେବେଳେ ହୋଇଥିବା ଚୁକ୍ତି ସମ୍ପର୍କରେ ପ୍ରକୃତ କଥା ଜଣାପଡିବ ବୋଲି ମୁଦୁଲି ବୈଠକରେ ଦାବି କରିଥିଲେ। ଯଦି ସେତେବେଳେ ବାସଚ୍ୟୁତଙ୍କୁ ଥଇଥାନ କିମ୍ବା ଚାକିରିର ଚୁକ୍ତି ହୋଇ ନ ଥିଲା ତେବେ କାରଖାନାରେ କେଉଁ ଆଧାରରେ ୧୩୭ ଜଣଙ୍କୁ ଚାକିରି ପ୍ରଦାନ କରାଯାଇଥିଲା। ବିଲେଇଗୁଡାରେ ଥଇଥାନ କରାଯାଇଥିଲା ବୋଲି ସେ ଯୁକ୍ତି ଉପସ୍ଥାପନା କରିଥିଲେ। ଯେଉଁଠି ଚାଖଣ୍ଡେ ଜାଗା ପାଇଁ ବିଭିନ୍ନ ପ୍ରକାର ଚୁକ୍ତି ହେଉଛି, ହଜାର ହଜାର ହେକ୍ଟର ଜମି ଅଧିଗ୍ରହଣରେ କିପରି କୌଣସି ପ୍ରକାରର ଚୁକ୍ତି ହୋଇନାହିଁ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଯଦି ପ୍ରଶାସନ ସେତେବେଳର ଚୁକ୍ତିନାମାକୁ ଦେଖାନ୍ତି ତା'ହେଲେ ଏହାକୁ ସଂଘ ମାନିନେବ ବୋଲି ସେ କହିଥିଲେ। ନଚେତ୍ ଜୀବନ ଦେବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ ବୋଲି ବୈଠକରେ ରୋକଠୋକ ଶୁଣାଇଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ ବିସ୍ଥାପିତ ଓ ପ୍ରଶାସନ ମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ସଂଘ ପକ୍ଷରୁ ପ୍ରଶାସନକୁ ୧୫ ଦିନ ସମୟ ମଗାଯାଇଥିଲା। ପରେ ପ୍ରଶାସନ ସାତଦିନ ମହଲତ ଦେଇଥିଲେ। ଗତ ମାସ ୩୧ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରଥମ ବୈଠକ ହୋଇଥିଲା। ଗୁରୁବାର ଥିଲା ଦ୍ୱିତୀୟ ବୈଠକ। ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଉପଜିଲାପାଳ ବେଣୁଧର ଶବର, ଉଭୟ କୋରାପୁଟ ଓ ସେମିଳିଗୁଡା ରାଜସ୍ୱ ବିଭାଗର ତହସିଲଦାର ଓ ହାଲ୍ ପ୍ରଶାସନର ବହୁ ପ୍ରଶାସନିକ ଅଧିକାରୀ, ବିସ୍ଥାପିତ ସଂଘ ସମ୍ପାଦକ କମୁଲୁ ପାଙ୍ଗିଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# ଏଏସ୍‌ଆଇଙ୍କ ସମେତ ୩ ଗୁରୁତର

**ଗୋରୁ ମାଫିଆଙ୍କୁ ଗୋଡ଼ାଉଥିବାବେଳେ ପିସିଆର୍ ଭ୍ୟାନ୍ ଦୁର୍ଘଟଣା**



ଦୁର୍ଘଟଣାଗ୍ରସ୍ତ ପିସିଆର୍ ଭ୍ୟାନ୍।

**ଢେଙ୍କାନାଳ,୯।୮ (ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ବେଲଟିକିରି ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଗୋରୁ ମାଫିଆଙ୍କୁ ଧରିବାକୁ ପିଛା କରୁଥିବା ପାଟ୍ରୋଲିଂ ପିସିଆର ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ୍‌ଟି ଭାରସାମ୍ୟ ହରାଇ ବେଲଟିକିରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଏକ ଗଛରେ ପିଟି ହୋଇଯିବାରୁ ଗାଡ଼ିରେ ଥିବା ସଦର ଥାନା ଏଏସ୍‌ଆଇ ଚିତ୍ରାନନ୍ଦ କରଙ୍କ ସମେତ ୩ ଏପିଆର ଫୋର୍ସ, ୨ ହୋମଗାର୍ଡ ଓ ଗାଡ଼ିଚାଳକ ଆହତ ହୋଇଛନ୍ତି। ସମସ୍ତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଗୁରୁତର ଥିବା ଏଏସ୍‌ଆଇ କରଙ୍କ ସମେତ ୩ଜଣଙ୍କୁ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏଏସ୍‌ଆଇ କରଙ୍କ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଖବରପାଇ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର କଟକ ଏସ୍‌ସିବି ମେଡିକାଲରେ ଉପସ୍ଥିତ ରହି ଆହତ ପୋଲିସ କର୍ମଚାରୀଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ତେବେ ପୋଲିସ ଗୋଡ଼ାଉଥିବା ଗୋରୁ ଚାଲାଣକାରୀ ମାଫିଆଙ୍କ ଗାଡ଼ିଟି ଫେରାର ହୋଇଯାଇଥିଲା। ବେଲଟିକିରି ଠାରେ ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ସେଠାରେ ଆମ୍ବୁଲାନ୍ସ ବ୍ୟବସ୍ଥା ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବେଲଟିକିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ପ୍ରଦାନ ପାଇଁ ସରପଞ୍ଚ ବଳଭଦ୍ର ସାମଲ ଦାବି କରିଛନ୍ତି।

# ନିୟନ୍ତ୍ରଣକୁ ଆସୁନି ପରିବା ଦର: ଗ୍ରାହକ ହନ୍ତସନ୍ତ

ନିମାପଡା,୯।୮(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବଜାର ଓ ଏହାର ଆଖପାଖ ଅଞ୍ଚଳରେ ପରିବା ଦର ଆକାଶଛୁଆଁ ହୋଇଛି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଗ୍ରାହକ। ନିମାପଡା, ବଳଙ୍ଗା, ଖେଲାର ଏବଂ ବାମନାଳ ହାଟରେ ଆଳୁଠାରୁ ଆରମ୍ଭ କରି ପନିପରିବା ଦର ବୃଦ୍ଧି ଘଟିଛି। ଆଳୁ ୧ କିଗ୍ରା ପିଛା ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ପିଆଜ ୧ କେଜି ପିଛା ୪୦ ରୁ ୫୦ ଟଙ୍କା, କଲରା ୭୦ରୁ ୮୦ ଟଙ୍କା, ପୋଟଳ ୬୦ରୁ ୭୦ ଟଙ୍କା, ଟମାଟୋ ୪୦ରୁ ୫୦ ଟଙ୍କା, ବାଇଗଣ ୭୦ରୁ ୮୦ ଟଙ୍କାରେ ବିକ୍ରି ହେଉଛି। ବନ୍ତଳ କଦଳୀ ଗୋଟା ପ୍ରତି ୧୦ରୁ ୧୫ ଟଙ୍କା, କିଗ୍ରା ପ୍ରତି କଞ୍ଚାଲଙ୍କା ୨୦୦ ଟଙ୍କା, ମାଟି ଆଳୁ ୧୦୦ ଟଙ୍କା, ଝୁଡ଼ଙ୍ଗ ୬୦ରୁ ୭୦ ଟଙ୍କା, ବଡ଼ କାଙ୍କଡ଼ ୮୦ ଟଙ୍କା, ଦେଶୀ କାଙ୍କଡ଼ ୨୦୦ ଟଙ୍କା, ସାରୁ ୪୦ରୁ ୫୦ ଟଙ୍କା, ଭେଣ୍ଡି ୭୦ରୁ ୮୦ ଟଙ୍କା, ଜହ୍ନି ୬୦ରୁ ୭୦ ଟଙ୍କା, ଛଚିନ୍ଦ୍ରା ୪୦ରୁ ୫୦ ଟଙ୍କା, କଖାରୁ ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଛି। ଅଦା ଓ ରସୁଣ ଦର ନ କହିବା ଭଲ। ବେପାରୀମାନେ କମ୍ ଦାମ୍‌ରେ ଚାଷୀମାନଙ୍କଠାରୁ ପରିବା କ୍ରୟକରି ମନ ଇଚ୍ଛା ଦରରେ ବିକ୍ରି କରୁଛନ୍ତି। ମୋଟାମୋଟି ଭାବେ ଦେଖିଲେ ପ୍ରତ୍ୟେକ ପରିବା କିଗ୍ରା ପ୍ରତି ୬୦ ଟଙ୍କାରୁ ଊର୍ଦ୍ଧ୍ୱ ରହୁଛି। ପରିବା ବ୍ୟତୀତ ଛତୁ କିଗ୍ରା ପ୍ରତି ୨୫୦ରୁ ୨୭୦ ଟଙ୍କାରେ ଦରରେ ବିକ୍ରି ହେଉଛି। ୫ଶହ ଟଙ୍କାରେ ମଧ ବ୍ୟାଗ୍ ପୂର୍ଣ୍ଣ ହେଉନାହିଁ। ପରିବା ଦର ବୃଦ୍ଧି ଯୋଗୁ ଗରିବ, ଦିନମଜୁରିଆ ବିଶେଷକରି ମଧ୍ୟବିତ୍ତ ପରିବାର ପ୍ରଭାବିତ ହେଉଛନ୍ତି। ପରିବା ଦର ବୃଦ୍ଧିକୁ ନେଇ ଶାକାହାରୀମାନେ ହଇରାଣ ହେଉଛନ୍ତି। ଦରବୃଦ୍ଧି ରୋକିବା ଦିଗରେ ପ୍ରଶାସନ କୌଣସି ଦୃଢ଼ ପଦକ୍ଷେପ ନେଉ ନ ଥିବାରୁ ବେପାରୀମାନେ ମନଇଚ୍ଛା ଦରରେ ବିକୁଥିବା ଗ୍ରାହକମାନେ କହିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୯।୮(ବିଚିତ୍ରାନନ୍ଦ ସାହୁ)

ବାଲିପାଟଣା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ନିମାପଡ଼ା ଅଞ୍ଚଳରେ ରହି ଏକ କଲେଜରେ ପାଠ ପଢନ୍ତି। ତାଙ୍କୁ ପିପିଲି ଥାନା ଅଞ୍ଚଳର ଜଣେ ଯୁବକ ଗତ ୭ତାରିଖରେ ଅପହରଣ କରିନେଇଥିବା ଗୁରୁବାର ନିମାପଡ଼ା ଥାନାରେ ନାବାଳିକାଙ୍କ ପିତା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ପିପିଲି ଥାନା ଅଞ୍ଚଳର ସି. ମଲ୍ଲିକଙ୍କ ବିରୋଧରେ ଏକ କେସ୍ (ନଂ. ୨୪୩/୨୪) ରଜୁ କରି ତଦନ୍ତ ଜାରି ରଖିଛି। ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସମ୍ପୃକ୍ତ ଅଭିଭାବକ ଦାବି କରିଛନ୍ତି।

### ବିପର୍ଯ୍ୟୟ ସମୟରେ ଯୌନ ଓ ସ୍ୱାସ୍ଥ୍ୟ ପ୍ରଜନନ ଉପାଦେୟତା ଶୀର୍ଷକ ପ୍ରଶିକ୍ଷଣ

କୋଣାର୍କ,୯।୮(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶୁକ୍ରବାର ଫ୍ୟାମିଲି ପ୍ଲାନିଙ୍ଗ ଆସୋସିଏଶନ୍ ଅଫ ଇଣ୍ଡିଆ, ଭୁବନେଶ୍ୱର ଶାଖା ତରଫରୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ସହାୟତାରେ ବିପର୍ଯ୍ୟୟକାଳୀନ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୩୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ସାମାଜିକ କର୍ମୀ ଏବଂ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଅତିଥିରୂପେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଧୁଭୂଷଣ ନାୟକ, ସୋଲାର ଅନୁଷ୍ଠାନର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସୋଲାର ସଂଯୋଜକ ଚିତ୍ତରଂଜନ ପରିଡ଼ା, ସମାଜସେବୀ ଭାଗୀରଥି ସ୍ୱାଇଁ ଓ ଜିଲା ବିପର୍ଯ୍ୟୟ ପରିଚାଳନାର ଆପଦ ମିତ୍ର ତାଲିମଦାତା ଦିବାକର ନାୟକ ସାଂପ୍ରତିକ ପରିସ୍ଥିତିରେ ବିପର୍ଯ୍ୟୟ ସମୟରେ ମା', ଶିଶୁ, ତଥା କିଶୋରୀମାନଙ୍କ ସ୍ୱାସ୍ଥ୍ୟ ରକ୍ଷାର ସଚେତନତା ଉପରେ ତାଲିମ ପ୍ରଦାନ କରିଥିଲେ। ଫାମିଲି ପ୍ଲାନିଂ ଆସୋସିଏଶନ୍ ଶାଖା ପରିଚାଳକ ଅଶୋକ କୁମାର ସାମନ୍ତରାୟ ଏବଂ ପ୍ରୋଗ୍ରାମ ଅଫିସର ସସ୍ମିତା ପ୍ରଧାନ ତାଲିମ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ଅତୁଳନୀୟ

ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ କ୍ରାନ୍ତି ଦିବସ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତାଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ଅତୁଳନୀୟ । ଯେତେବେଳେ ଭାରତର ସ୍ୱାଧୀନତା ପାଇଁ ସାରା ଦେଶରେ ଆନ୍ଦୋଳନ ଚାଲିଥିଲା, ସେହି ସମୟରେ ଓଡ଼ିଶା ଦୁଇଟି ସଂଗ୍ରାମ ଚଳାଇଥିଲା। ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓ ସମ୍ମାନିତ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ କ୍ରାନ୍ତି ଦିବସ ଉପରେ କହିଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନ 'ଆମର ପୁରୀ' ପକ୍ଷରୁ ପରିବେଷିତ 'ମାନଭଞ୍ଜନ'ର ଏକ ଦୃଶ୍ୟ ।

# ବ୍ଲକ୍ କାର୍ଯ୍ୟାଳୟ ଆଗରେ ଆଳୁ ବିକିଲା ବିଜେଡି



ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ନେତାମାନେ ଆଳୁ ବିକୁଛନ୍ତି ।

ଗୋପ,୯।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଆଳୁକୁ ନେଇ ଶସ୍ତା ରାଜନୀତି କରୁଥିବା ଡବଲ ଇଞ୍ଜିନ ସରକାର ଆସ୍ତେ ଆସ୍ତେ ତା'ର ଲୋକପ୍ରିୟତା ହରାଇଥିବା ଧ୍ୱନି ଦେଇ ଗୋପ ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଳୁ ବିକ୍ରି କରାଯାଇଛି। ଆଳୁ କିଲୋ ପିଛା ୨୦ ଟଙ୍କାରେ ବିକ୍ରି ହେଉଥିବାରୁ ନେବାକୁ ଲମ୍ବା ଲାଇନ୍ ଲାଗିଥିଲା। ଗୋପ ବ୍ଲକ ବିଜେଡି ନେତୃତ୍ୱ ନିରଞ୍ଜନ ମହାପାତ୍ର, ଭାଗିରଥି ସେନାପତି, ପୂର୍ଣ୍ଣଚନ୍ଦ୍ର ଦାସ, ସୁଧାଂଶୁ ସେନାପତି, ଅର୍ପତି ଦାସ, ଧର୍ମେନ୍ଦ୍ର ସିଂ, ରମେଶ ବାରିକ, ବେଣୁଧର ଦାସ, ଗୋଲାମ ବକ୍ସ ପ୍ରମୁଖ ଏହି ଆଳୁ ବିକ୍ରି କରିଥିଲେ। ରାଜ୍ୟର ଭାଜପା ସରକାର ଆଳୁ ଠିକ୍ ଭାବରେ ଯୋଗାଇ ପାରୁ ନ ଥିବା ବିଜେଡି ନେତୃବୃନ୍ଦ ଅଭିଯୋଗ କରିଛନ୍ତି।

# ମନ ମୋହିଲା 'ମାନଭଞ୍ଜନ'

ପୁରୀ,୯।୮(ଅଜିତ କୁମାର ମହାନ୍ତି )

ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଅନୁଷ୍ଠାନ 'ଆମର ପୁରୀ' ପକ୍ଷରୁ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି ସଙ୍ଗୀତ –ନୃତ୍ୟ ରୂପକ 'ସମ୍ପୂର୍ଣ୍ଣ ମାନଭଞ୍ଜନ'। ଏହାକୁ ଗୋବିନ୍ଦ ଚନ୍ଦ୍ର ମହାନ୍ତି ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନ 'ଆମର ପୁରୀ'ର ସଭାପତି ଭରତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପ୍ରାର୍ଥନାର ପ୍ରାକ୍ତନ ଡିଜିଏମ୍ ଶ୍ୟାମାପ୍ରସାଦ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୀତିକାର ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, ଭାଗିରଥି ଖୁଣ୍ଟିଆ, ପ୍ରସନ୍ନ ମିଶ୍ର, ରାଜେଶ କୁମାର ମିଶ୍ର ଓ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବିନୋଦ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରର ନିର୍ମାତା ତଥା ମାନଭଞ୍ଜନର ରଚୟିତା ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ସ୍ମୃତିଚାରଣ କରିଥିଲେ। ରାଧା–କୃଷ୍ଣ ଅପ୍ରାକୃତ ପ୍ରେମର ଅମୃତ ରାସ 'ସଂପୂର୍ଣ୍ଣ ମାନଭଞ୍ଜନ' ଯୁଗ ଯୁଗ ଧରି ଉତ୍କଳୀୟ ସଂସ୍କୃତି ଓ ଧର୍ମଧାରାକୁ ଧର୍ମୀୟ ଚେତନାରେ ଅଭିଭୂତ କରିଛି ବୋଲି ଅତିଥିମାନେ କହିଥିଲେ। ନାଟକରେ ରାଧା ଭୂମିକାରେ ସୁଚିସ୍ମିତା ମହାରଣା, ଲଳିତା ଭୂମିକାରେ ସୋନାଲି ଦାଶ, ବିଶାଖା ଭୂମିକାରେ କସ୍ତୁରୀ ପ୍ରିୟାଂଶୀ ସାହୁ, ଚନ୍ଦ୍ରାବଳୀ ଭୂମିକାରେ ଶୁଭଲକ୍ଷ୍ମୀ ସିଂ ଓ କୃଷ୍ଣ ଭୂମିକାରେ ବିଷ୍ଣୁପ୍ରିୟା ରାଉତଙ୍କ ଅଭିନୟ ଚିତ୍ତାକର୍ଷକ ଥିଲା। ବିକ୍ରମ ସାହୁ ଓ ଅନୀତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳେ କଚେରୀ ଛକସ୍ଥ ମୋହନ ଗୋସାଇଁଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ବଦ୍ରି ମିଶ୍ର, ବିନୋଦ ପଣ୍ଡା, ସଭାପତି ଭରତ ନାୟକ, ସମ୍ପାଦକ ଗୋବିନ୍ଦ ମହାନ୍ତି, ନୃତ୍ୟଗୁରୁ ନାରାୟଣ ପାଣ୍ଡେ,ନ ।ଟ୍ୟ ନିର୍ଦ୍ଦେଶକ ବିକ୍ରମ ସାହୁ ମାଲ୍ୟାର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜକ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ

## ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି, ପେନ୍‌ସନ ପ୍ରଦାନ ପାଇଁ ଦାବି

ପିପିଲି,୯।୮(ପ୍ରଭାତ କୁମାର ମହାପାତ୍ର)

ଚଳିତ ମାସ ୩୧ ତାରିଖରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମାର ଅବଧି ଶେଷ ହେବାକୁ ଯାଉଛି। ସରକାର ବଦଳିବା ପରେ ଏହାର ନବୀକରଣ ପାଇଁ ଏଯାବତ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ। ଶୁକ୍ରବାର କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର ରାଜ୍ୟ ସଭାପତି ମନୋଜ ଦାସ ଓ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତା ଏବଂ କାର୍ଯ୍ୟରତ ଖବରଦାତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରି ଠିକ ସମୟରେ ପଦକ୍ଷେପ ନିଆଯିବ ବୋଲି କହିଥିବା ସଭାପତି ଦାସ ଓ ସାଧାରଣ ସମ୍ପାଦକ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ବୀମା ଯୋଜନାର ହିତାଧିକାରୀ କାର୍ଯ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାର ପାଇଁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯାଇଥାଏ। ଚଳିତ ବର୍ଷ ଠାରୁ ଏହି ବୀମା ରାଶିକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ସାମ୍ବାଦିକଙ୍କୁ ଅବସରକାଳୀନ ପେନସନ ପ୍ରଦାନ ଓ ଅନ୍ୟ ରାଜ୍ୟ ଭଳି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଆଦି ୮ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇଛି। ଏହି ଅବସରରେ ସଂଘର ଉପସଭାପତି ସୌରଭ ପଟ୍ଟନାୟକ, ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ ଓତାଙ୍କ ସମେତ ବିଭିନ୍ନ ଜିଲାର କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

# 'ଅଣ୍ଡର ସିକ୍ସଟିନ୍‌ରେ' ପ୍ରତିଭା ଦେଖାଇଲେ ନୃତ୍ୟଶିଳ୍ପୀ

ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦ(ଓଡିସି) ଦ୍ୱାରା ଆୟୋଜିତ ଷୋହଳ ବର୍ଷରୁ ଅଣ୍ଡର ସିକ୍ସଟିନ ୨୦୨୪ ନୃତ୍ୟ କାର୍ଯ୍ୟକ୍ରମର ୧୦ମ ସଂସ୍କରଣ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୮ଜଣ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଡ. ଅରୁଣା ମହାନ୍ତି, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ଓଡିସି ସଭାପତି ଡ. ସ୍ନେହପ୍ରଭା ସାମନ୍ତରାୟ, ସଚିବ ଡ. ଇଲିଆନା ଚିତାରିସ୍ତି ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଗୁରୁ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ମଙ୍ଗଳାଚରଣ ବିନାୟକ ସ୍ମରଣେ। ମହାପ୍ରଭୁଙ୍କ ନିକଟରେ ନତମସ୍ତକ ହୋଇ ପରିବେଷଣ କରିଥିଲେ ଗୁରୁ ପୌଲୋମୀ ମୁଖାର୍ଜୀଙ୍କ ଶିଷ୍ୟା ସୁଶ୍ରୀ ଆଥେନା ମୁଖାର୍ଜୀ। ଏହା ପରେ ସ୍ୱପ୍ନାରାଣୀ ସିହ୍ନାଙ୍କ ତତ୍ତ୍ୱାବଧାନରେ ଅନୁଷ୍କା ସାହା ପରିବେଷଣ କରିଥିଲେ ବକ୍ରକାନ୍ତି ପଲ୍ଲବୀ। ଶିବାଙ୍ଗୀ ପ୍ରହରାଜ ପାରମ୍ପାରିକ ଚମ୍ପୁ ରଚନାରେ ଅଭିନୟ ଭଙ୍ଗି ଚାହାଁ.. ପରିବେଷଣ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ବର୍ଷାରେ ଭୁଶୁଡ଼ିଲା ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି

ଅସ୍ତରଙ୍ଗ,୯।୮(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗରେ ଶୁକ୍ରବାର ୮୪ ମିଲିମିଟର ବର୍ଷା ହୋଇଛି। ପ୍ରବଳ ବର୍ଷାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ କର୍ମଚାରୀଙ୍କ କ୍ୱାର୍ଟର୍ସ ପଛପଟେ ଥିବା ସୁରକ୍ଷା ପ୍ରାଚୀର ଭୁଶୁଡ଼ି ପଡ଼ିଛି। ତେବେ କୌଣସି କର୍ମଚାରୀଙ୍କର କ୍ଷତି ଘଟିନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅତ୍ୟନ୍ତ ପୁରୁଣା ହୋଇଥିବାବେଳେ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କେତେବେଳେ ଏହା ଭାଙ୍ଗି ଅଘଟଣ ଘଟିବ ତାହା କିଛି କହିହେବ ନାହିଁ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ କୁମାର ପ୍ରଧାନ କହିଛନ୍ତି, ଏହା ଏକ ପୁରୁଣା ପ୍ରାଚୀର। ଏହାର ସ୍ଥିତି ଭଲ ନ ଥିଲା। ତେଣୁ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ତୁରନ୍ତ ନୂତନ ପ୍ରାଚୀର ନିର୍ମାଣ କରାଯିବ। ଅନ୍ୟପକ୍ଷରେ ପ୍ରଶ୍ନ ଉଠୁଛି ଯେ, ନିକଟରେ କାକଟପୁର ଓ ବାଙ୍ଗୁରୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ ହୋଇଥିବାବେଳେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ କାର୍ଯ୍ୟ ପାଇଁ ପୂର୍ବରୁ ଖସଡ଼ା ପ୍ରସ୍ତୁତ ହୋଇସାରିଛି। କିନ୍ତୁ କ'ଣ ପାଇଁ ଏହି କାର୍ଯ୍ୟକ୍ରମ ହୋଇପାରୁନାହିଁ ତାହା ବୁଝାପଡୁନାହିଁ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକ ସମେତ ପାଖଆଖ ଅଞ୍ଚଳର ରୋଗୀ ନିର୍ଭର କରୁଥିବାବେଳେ ଏହାର ବିକାଶ କ'ଣ ପାଇଁ ହୋଇପାରୁନାହିଁ, ତାହା ପ୍ରଶ୍ନବାଚୀ ହୋଇଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଉତ୍କଳ ବାଳାଶ୍ରମର ନୂତନ ଆବାସିକ ଗୃହ ଉଦ୍‌ଘାଟିତ

ପୁରୀ,୯।୮(ଅଜିତ କୁମାର ମହାନ୍ତି)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ପୁରୀ ନରେନ୍ଦ୍ର କୋଣସ୍ଥିତ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କ ନିମନ୍ତେ ବହୁତଳ ବିଶିଷ୍ଟ ଆବାସିକ ଗୃହର ଉଦଘାଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଗୃହଟି ଅନ୍ତେବାସୀଙ୍କୁ ସୁରକ୍ଷା ଓ ଆନନ୍ଦ ଦେବା ସହ ଶିକ୍ଷା ପାଇଁ ମନୋନିବେଶରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଶ୍ୱରଞ୍ଜନ ରଥ, ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ ଯୋଗଦେଇଥିଲେ। ଉକ୍ତ ବିଲ୍ଡିଂରେ ୧୦୦ ପିଲା ରହିବାର ବ୍ୟବସ୍ଥା ରହିଛି। ବିଲ୍ଡିଂ ନିର୍ମାଣରେ ୩ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପାରିପାର୍ଶ୍ୱିକ ବିକାଶ ପାଇଁ ୩୭ ଲକ୍ଷ ଏହିଭଳି ମୋଟ ୪ କୋଟି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଜିଲା ସମାଜ କଲ୍ୟାଣ ଅଧିକାରୀ ଶର୍ମିଷ୍ଠା ହୋତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଆନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଉତ୍କଳ ବାଳାଶ୍ରମ ଅଧୀକ୍ଷକ ସାରଙ୍ଗ ମହାପାତ୍ର, ଶିଶୁ କଲ୍ୟାଣ କମିଟି ସଦସ୍ୟ ରୁଦ୍ରସୁନ୍ଦର ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ଦେବଯାନୀ ହିମାଂଶୁ, ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତା ଏବଂ ବାଳାଶ୍ରମ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆବାସିକ ଗୃହକୁ ଉଦ୍‌ଘାଟନ କରୁଛନ୍ତି ।

# ମୃତଦେହ ମିଳିବାରେ ପ୍ରତିବନ୍ଧକ ସାଜିଲା ସ୍ରୋତ

## ଭାର୍ଗବୀ ନଦୀରେ ଭାସୁଛି

ସାକ୍ଷୀଗୋପାଳ,୯।୮(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଅନ୍ତର୍ଗତ ଭାର୍ଗବୀ ନଦୀର ସୁଆଁଲୋ କଟଠାରେ ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଘଟଣା ସମ୍ପର୍କରେ ସତ୍ୟବାଦୀ ଥାନା ଆଇଆସି ଉମେଶ ଚନ୍ଦ୍ର ସାହୁ ଓ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ରଙ୍କୁ ଖବର ଦିଆଯାଇଥିଲା। ଥାନା ଅଧିକାରୀ ଓ ଅଗ୍ନିଶମ ଅଧିକାରୀ ନିଜ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ନଦୀର ପ୍ରଖର ସ୍ରୋତରେ ମୃତଦେହଟି ଭଉଁରୀ ମଧ୍ୟରେ ସ୍ଥିର ହୋଇପାରୁ ନ ଥିଲା। ଏଭଳିକି ସ୍ରୋତରେ ଭଉଁରୀ ଦ୍ୱାରା ମୃତଦେହଟି ଗୋଟିଏ ସ୍ଥାନରେ ପ୍ରାୟ ୫୦ ଫୁଟ ନଦୀଗର୍ଭକୁ ଚାଲିଯାଇଥିଲାବେଳେ ପୁଣି ଅନ୍ୟ ସ୍ଥାନକୁ ଚାଲିଯାଉଥିବା ଦେଖିବାକୁ ମିଳିଥିଲା। ଫଳରେ ମୃତଦେହ ଉଦ୍ଧାର କରାଯାଇପାରି ନ ଥିଲା। ଶୁକ୍ରବାର ସକାଳୁ ଉଭୟ ଅଧିକାରୀ ତାଙ୍କ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ମୃତଦେହ ସେଠାରେ ଆଉ ଦୃଶ୍ୟମାନ ନ ହେବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ ନିରାଶ ହେବାକୁ ପଡ଼ିଥିଲା। ନୂଆନଇର ଗଡ଼ ମୃଗଶିରା ବ୍ରିଜ ପର୍ଯ୍ୟନ୍ତ ଖୋଜିଥିଲେ ମଧ ମୃତଦେହ ପାଇ ନ ଥିଲେ । ମୃତଦେହଟି ଦୁଇ ତିନି ଦିନ ପାଣିରେ ଥିବାରୁ ଫୁଲିଯାଇଛି। ସେହିପରି ଦେହରେ କୌଣସି ବସ୍ତ୍ର ନ ଥିଲା। ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁ କହିଛନ୍ତି, ନଦୀର ପ୍ରଖର ସ୍ରୋତ ଓ ଭୟଙ୍କର ଭଉଁରୀ ଯୋଗୁ ମୃତଦେହଟି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଆଖି ପିଛୁଳାକେ ଭାସିଯାଉଥିଲା। ଦୁଇଦିନ ପରିଶ୍ରମ କରାଯାଇଥିଲେ ସୁଦ୍ଧା ତାହାକୁ ଉଦ୍ଧାର କରାଯାଇପାରିନାହିଁ।



ନଦୀରୁ ମୃତଦେହ ବାହାର କରିବା ପାଇଁ ଆସିଥିବା ଉଦ୍ଧାରକାରୀ ଦଳ ।

## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଭୁବନେଶ୍ୱର,୯।୮(ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରୁକୁଟି ସାହି ନିକଟ ପାଣି ଟାଙ୍କି ଓ ବିଏମ୍‌ସି ଅଫିସ ପାଖରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡିନଥିବା ବେଳେ ବୟସ ପାଖାପାଖି ୪୫ ହେବ। ଏନେଇ ମଞ୍ଚେଶ୍ୱର ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ କେମିତି ହେଲା ତାହାର କାରଣ ଜଣାପଡି ନ ଥିବା ବେଳେ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରି ପରିଚୟ ଜାଣିବାକୁ ଉଦ୍ୟମ ମଧ୍ୟ ଚଳାଇଛି।

### ସ୍କୁଟିକୁ ଧକ୍କା ଦେଲା କଣ୍ଟେନର,ଜଣେ ଆହତ

**ରସୁଲଗଡ଼ ଛକରେ ଟ୍ରାଫିକ ଜାମ**

ଭୁବନେଶ୍ୱର,୯।୮(ସୂର୍ଯ୍ୟକାନ୍ତ ବେହେରା)

ସ୍କୁଟି ଚାଳକଙ୍କୁ ଧକ୍କା ଦେଲା କଣ୍ଟେନର। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ହୋଟେଲ ସାମ୍ନାରେ ଶୁକ୍ରବାର ସନ୍ଧ୍ୟା ସମୟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ସ୍କୁଟି ଚାଳକ ଶୈଳସ କୁମାର ବ୍ରହ୍ମ (୪୫) ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଣ୍ଟେନର ଓ ଭାଙ୍ଗି ଯାଇଥିବା ସ୍କୁଟି ଗାଡି ଜବତ କରିଛି। ଏହାସହ କଣ୍ଟେନର ଚାଳକଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଦୁର୍ଘଟଣା ପରେ ରସୁଲଗଡ ଛକରେ ପ୍ରବଳ ଟ୍ରାଫିକ ଜାମ ହୋଇଥିଲା। ଗୋଟିଏ ପଟେ ବର୍ଷା ଓ ଅନ୍ୟପଟେ ଦୁର୍ଘଟଣା ଯୋଗୁ ରାସ୍ତାରେ ବହୁ ଗାଡି ପଛକୁ ପଛ ରହିବାରୁ ଟ୍ରାଫିକ ଜାମରେ ଘଣ୍ଟା ଘଣ୍ଟା ଧରି ଫଶି ରହିଥିଲେ ଲୋକେ। ଏଥିରେ ବାଇକ ଚାଳକ ବର୍ଷା ମାଡରେ ଭିଜି ଯିବାରୁ ଭିଡରୁ ବାହାରିବା ପାଇଁ ନାକେଦମ ହୋଇଥିଲେ। ସୂଚନାନୁସାରେ, ଶୈଳସ ସାଇନ୍ସ ପାର୍କ ନିକଟରେ ରହୁଥିବାବେଳେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ପରିସରରେ ତାଙ୍କର ଏକ ହୋଟେଲ ରହିଛି। ତେଣୁ ସେ ସ୍କୁଟିରେ ବାଣୀବିହାର ପଟୁ ଯାଉଥିବାବେଳେ କଟକ ଆଡୁ ଆସୁଥିବା କଣ୍ଟେନର ଚାଳକ ତ୍ରୁପ୍ତି ହୋଟେଲ ପାଖ ଛକରେ ଡାହାଣ ପଟକୁ ବୁଲାଇ ଶିଳ୍ପାଞ୍ଚଳ ଭିତରକୁ ଯାଉଥିବା ବେଳେ ସ୍କୁଟି ଚାଳକଙ୍କୁ ଧକ୍କା ଦେଇଥିଲା।

### ମୋ ବସ୍‌-ହାଇଡ୍ରା ମୁହାଁମୁହିଁ ଧକ୍କା

ବାରଙ୍ଗ,୯।୮(ଲିଙ୍ଗରାଜ ରାଉତ)

କୁହ୍ନେଇପଡା ବାଉଁଝରି ମନ୍ଦିର ନିକଟରେ ଶୁକ୍ରବାର ମୋ ବସ ସହ ଏକ ହାଇଡ୍ରା ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବସ୍‌ରେ ଥିବା କେତେଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ପ୍ରକାଶ ଯେ, ୧୮ନଂ. ମୋ ବସ୍ (ଓଡି୩୩ଭି-୪୫୬୭) ଯାତ୍ରୀଙ୍କୁ ନେଇ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ବସଟି ବାଉଁଝରି ମନ୍ଦିର ନିକଟରେ ପହଞ୍ଚିଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ଓଡି୦୨ସିଜି-୬୦୬୩ନମ୍ବର ହାଇଡ୍ରାଟି ହଠାତ ରାସ୍ତା ଅତିକ୍ରମ କରି ଭୁବନେଶ୍ୱର ପଟକୁ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସର ଆଗ କାଚ ଭାଙ୍ଗିଯିବା ସହ କେତେଜଣ ଯାତ୍ରୀ ଆହତ ହୋଇଥିଲେ। ବସର ଯାତ୍ରୀମାନଙ୍କୁ ଅନ୍ୟ ଏକ ବସରେ ପଠାଯାଇଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ୧୦ ଦଫା ଦାବିରେ ଜୀବିକା ମିଶନ ଇ.ସି. ସଂଘର ବିକ୍ଷୋଭ

ଭୁବନେଶ୍ୱର,୮।୮(ଅନୁରାଧା ମହାରଣା)

ରାଜ୍ୟର ମିଶନ ଶକ୍ତି ଅଧୀନରେ କାର୍ଯ୍ୟ କରୁଥିବା ଇସି ସଦସ୍ୟାଙ୍କ ସ୍ଥାୟୀ ନିଯୁକ୍ତି, ୱାର୍କର ମାନ୍ୟତା, ଭତ୍ତାବୃଦ୍ଧି ଆଦି ୧୦ ଦଫା ଦାବି ନେଇ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ବିକ୍ଷୋଭ ଶୋଭାଯାତ୍ରା ଲୋୟର ପିଏମ୍‌ଜିକୁ ଆସିଥିଲା। ସଂଘର ମହିଳାମାନେ ବିଭିନ୍ନ ଦାବି ଉପସ୍ଥାପନ କରି କ୍ଷୋଭ ପ୍ରକାଶ କରିଥିଲେ। ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ହାରରେ ପାରିଶ୍ରମିକ ପ୍ରଦାନ ସହ ତୁରନ୍ତ ବକେୟା ପ୍ରଦାନ ପାଇଁ ଦାବି କରାଯାଇଛି। ଇସିମାନଙ୍କୁ ମୁଣ୍ଡପିଛା ହାରରେ ଭତ୍ତା ପ୍ରଦାନ, ସହରାଞ୍ଚଳରେ କାର୍ଯ୍ୟରତ ଇସିଙ୍କୁ ମାସିକ ଭତ୍ତା ସୁନିଶ୍ଚିତ କରିବା, ପଦୋନ୍ନତି, ସ୍ୱାସ୍ଥ୍ୟ ବୀମା ସୁବିଧା, ଅବସର ବୟସ ୬୫ବର୍ଷ ଧାର୍ଯ୍ୟ କରିବା, କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ଘଟିଲେ ପରିବାର ବର୍ଗଙ୍କୁ ୫ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉ ବୋଲି ସେମାନେ କହିଛନ୍ତି। ଅନ୍ୟପଟେ ସଂଘର କାର୍ଯ୍ୟକାରୀ ସଭାପତି ସଂଘମିତ୍ରା ଜେନା ଓ ସାଧାରଣ ସମ୍ପାଦକ ଜାନକୀ ଲତା ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ଏବଂ ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଶାସନ ସଚିବ କହିଛନ୍ତି, ଇସି ପୁନର୍ଗଠନ କରାଯିବ ନାହିଁ। ଜିପିଏଲ୍‌ଏଫ୍‌ର ସଭାବହି, ଆକାଉଣ୍ଟ ବହି, ବ୍ୟାଙ୍କ ପାସ ବୁକ୍ ଓ ଚେକ୍ ବୁକ୍ ଜିପିଏଲ୍‌ଏଫ୍ ପାଖରେ ରହିବ ଓ ଏମ୍‌ବିକେ ଅଥବା ଅନ୍ୟକେହି ଏହା ନେଇଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଅନ୍ୟ ଦାବି ସମ୍ପର୍କରେ ସରକାର ସକାରାତ୍ମକ ଦିଗରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ବିଭିନ୍ନ ଦାବି ନେଇ ନିଖିଳ ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ୪ ଶ୍ରମକୋଡ୍, ୩ ଆପରାଧିକ ଆଇନ ବାତିଲ ହେଉ


ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ସମାବେଶ।

**୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ସମାବେଶ**

ଭୁବନେଶ୍ୱର,୯।୮(ଅନୁରାଧା ମହାରଣା)

କ୍ରାନ୍ତି ଦିବସରେ ଶ୍ରମଜୀବୀଙ୍କ ଅଧିକାର ପାଇଁ ୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଲୋୟର ପିଏମ୍‌ଜିରେ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାର ଫାସିବାଦୀ, ଜନ ଓ ଶ୍ରମିକ ବିରୋଧୀ ନୀତି ଆପଣେଇଥିବା କହି ଆନ୍ଦୋଳନକାରୀମାନେ ନାରାବାଜି କରିଥିଲେ। ୪ ଶ୍ରମକୋଡ୍ ସହିତ ୩ ଆପରାଧିକ ଆଇନ ବାତିଲ କରିବା ମୁଖ୍ୟ ଦାବି ରହିଥିବାବେଳେ ଶ୍ରମିକଙ୍କ ସର୍ବନିମ୍ନ ଦରମା ୨୬ ହଜାର ଟଙ୍କା ଓ ପେନସନ୍ ୧୦ ହଜାର ଟଙ୍କା ଘୋଷଣା କରିବାକୁ ସ୍ୱର ଉଠିଛି। ସେହିପରି ୧୨ ଘଣ୍ଟିଆ ଶ୍ରମଦିବସକୁ ବିରୋଧ କରିବା ସହ ଭବିଷ୍ୟନିଧି ଅର୍ଥ ଜମା କରୁ ନ ଥିବା ମାଲିକଙ୍କ ଜରିମାନା କମ୍ ନ କରିବା ପାଇଁ ଦାବି କରାଯାଇଛି। ଖାଲି ପଡ଼ିଥିବା ସରକାରୀ ପଦବୀ ତୁରନ୍ତ ପୂରଣ ସହ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତିରେ ରୋକ୍ ଏବଂ ବେକାରି ଭତ୍ତା ୫୦୦୦ ଟଙ୍କା ପ୍ରଦାନ ପାଇଁ ଆନ୍ଦୋଳନକାରୀମାନେ ଅଡ଼ିବସିଥିଲେ। ସେହିପରି ସ୍କିମ୍ କର୍ମଚାରୀ ତଥା ଆଶା, ଅଙ୍ଗନୱାଡି ଓ ପାଚିକାଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ, ଘରୋଇକରଣ ବନ୍ଦ କରିବା ଓ ଅବସର ବୟସ ୬୦ରୁ ୬୨ ବୟସକୁ ବୃଦ୍ଧି ଆଦି ଦାବି ରହିଛି। ଆନ୍ଦୋଳନରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲପିଏଫ୍, ସେୱା ଓ ସ୍ୱାଧୀନ ଫେଡେରେଶନର ସଦସ୍ୟଙ୍କ ସହ ସହବନ୍ଧିତ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ। ସମାବେଶ ପୂର୍ବରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ବୋଲି ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି)ର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରତ୍ୟେକ ଛାତ୍ରୀଛାତ୍ର ବୈଜ୍ଞାନିକ ହୋଇପାରିବେ

ଭୁବନେଶ୍ୱର, ୯।୮(ଅସମାପିକା ସାହୁ)

**ସିଏସ୍‌ଆଇଆର୍‌ର ଲାବରେଟୋରି ବୁଲିଲେ ସ୍ୱତନ୍ତ୍ର ଛାତ୍ରୀଛାତ୍ର**




ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଜିଜ୍ଞାସା ଟିମ୍ ପକ୍ଷରୁ ଶୁକ୍ରବାର ଲାବରେଟୋରି ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଜ୍ଞାନିକ ଏବଂ ପିଲାଙ୍କ ମଧ୍ୟରେ ସଂଯୋଗ କରିବା ହେଉଛି ଏହାର ଉଦ୍ଦେଶ୍ୟ। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ପିଲାମାନଙ୍କୁ ସାମିଲ କରାଯାଇ ସିଏସ୍‌ଆଇଆର୍‌ର ଲାବରେଟୋରି ପରିଦର୍ଶନ କରାଯାଇଥାଏ। ତେବେ ଏଥର ମୁକ ବଧିର ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୟୁନିଟ୍-୩ସ୍ଥିତ ବିବିସି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ଶହେ ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ବୈଜ୍ଞାନିକ ହୋଇପାରିବେ। ଏପରି ଚିନ୍ତାଧାରା ସୃଷ୍ଟି କରିବା ସହ ସେମାନଙ୍କ ମନୋବଳ ଦୃଢ଼ କରିବା ପାଇଁ ପ୍ରୟାସ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନେ ବହୁତ କିଛି ଶିଖିବା ସହ ଖୁସି ହେଉଥିବା ଦେଖିବାକୁ ମିଳିଥିଲା। ଚିଫ୍ ସାଇଣ୍ଟିଷ୍ଟ ଡ. ଏଲ୍. ଡି. ବେସ୍ରା, ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡ. ଉମାକାନ୍ତ ସୁବୁଦ୍ଧି ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ବୈଜ୍ଞାନିକ କିଏ, କ'ଣ କାମ କରନ୍ତି ତାହା ବୁଝାଯାଇଥିଲା। ପିଲାଙ୍କ ସହିତ ସେମାନଙ୍କ ଶିକ୍ଷକମାନେ ଆସିଥିଲେ। ଶିକ୍ଷକମାନେ ତାଙ୍କୁ ସାଇନ ଲାଙ୍ଗୁଏଜ୍‌ରେ ବୁଝାଇଥିଲେ।

### ଫାଣ୍ଡି ଆଗରେ ବଜରଙ୍ଗ କର୍ମୀଙ୍କ ବିକ୍ଷୋଭ

ବାଲକାଟୀ, ୯।୮(ମନୋଜ ମଣ୍ଡଳ)

ବାଲକାଟୀରେ ଶୁକ୍ରବାର ଶତାଧିକ ବଜରଙ୍ଗ କର୍ମୀ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଫାଣ୍ଡି ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୋ ଚାଲାଣ ସହିତ ଗାଇ ଚୋରି ବଢୁଥିବା ବେଳେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଏହି ବିକ୍ଷୋଭ କରାଯାଇଥିଲା। ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କୁ ଏକ ପ୍ରତିବାଦ ପତ୍ର ପ୍ରଦାନ କରିଥିଲେ। ତେବେ କିଛି ସମୟ ପାଇଁ ଫାଣ୍ଡି ଆଗରେ ଉତ୍ତେଜନା ଦେଖାଯାଇଥିଲା। ସପ୍ତାହକ ମଧ୍ୟରେ ଗାଈ ଚୋରି କରୁଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ମେହେର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ଦାବି ଦିବସରେ ସମବେତ ହେବେ ବିଭିନ୍ନ ଶିକ୍ଷକ ସଙ୍ଗଠନ

ଭୁବନେଶ୍ୱର, ୯।୮(ଅସମାପିକା ସାହୁ)

ପ୍ରତିବର୍ଷ ଅଗଷ୍ଟ ୧୬କୁ ଶିକ୍ଷକ ଦାବି ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସରେ ଶିକ୍ଷକମାନେ ସେମାନଙ୍କର ଦାବି ନେଇ ପ୍ରତିବାଦ କରିଥାନ୍ତି। ଏଥର ମଧ୍ୟ ବହୁ ଶିକ୍ଷକ ସଙ୍ଗଠନ ଦାବି ଦିବସରେ ସମବେତ ହେବାକୁ ଯାଉଛନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥା ତଥା ଛାତ୍ର ଶିକ୍ଷକଙ୍କ ସମସ୍ୟାକୁ ନେଇ ପ୍ରମୁଖ କିଛି ଦାବି ଉଠାଇବେ ଶିକ୍ଷକ ସଙ୍ଗଠନ। ସେଥିମଧ୍ୟରୁ ଅନୁଦାନଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ, ରାଜ୍ୟରେ ସମସ୍ତ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରି ପେନ୍‌ସନ୍ ପ୍ରଦାନ କରିବା ଏବଂ ପୂର୍ଣ୍ଣ ଅନୁଦାନରୁ ବଞ୍ଚିତ ହୋଇଥିବା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ଦେବା, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନସନ୍ ଲାଗୁ କରିବା, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି କରିବା ଏବଂ ମଧ୍ୟାହ୍ନଭୋଜନର ମାନ ବୃଦ୍ଧି କରିବା ଆଦି ପ୍ରମୁଖ ଦାବି ରହିଥିବା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ନିକଟରେ ରାଜ୍ୟର ପ୍ରମୁଖ ଶିକ୍ଷକ ସଂଗଠନ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା), ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲଷ୍ଟା), ସଂସ୍କୃତ ଟୋଲ୍ ଶିକ୍ଷକ ସଂଘ, ମଦ୍ରାସା ଶିକ୍ଷକ ସଂଘ, ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ, ୬୬୨ବର୍ଗ କଲେଜ କର୍ମଚାରୀ ସଂଘ, ଅଣଅନୁଦାନପ୍ରାପ୍ତ ଶିକ୍ଷକ ସଂଘ, ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ସଂଘ ଆଦି ମିଳିତ ଭାବରେ କେତେକ ନ୍ୟାଯ୍ୟ ଦାବି ଉପସ୍ଥାପନ କରିଆସୁଥିଲେ ମଧ୍ୟ ତାହା ପୂରଣ ହେଉ ନ ଥିବା ଦାଶ କହିଛନ୍ତି।

# ଖବରକାଗଜର ଲକ୍ଷ୍ୟ ଲୋକାଭିମୁଖୀ ହେବା ଉଚିତ: ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଟକ,୯।୮ (କାର୍ତ୍ତିକ ସାହୁ)

**ପ୍ରଜାତନ୍ତ୍ରର ବାର୍ଷିକୋତ୍ସବ**

ଖବରକାଗଜର ଲକ୍ଷ୍ୟ ସର୍ବଦା ଲୋକାଭିମୁଖୀ ହେବା ଉଚିତ୍। ଏଥିସହ ଖବରକାଗଜ ଭୂମିକା ବେସାଲିସ, ସ୍ୱଷ୍ଟ ଓ ସତ୍ୟାଶ୍ରୟୀ ହେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପରେ ଶୁକ୍ରବାର ପ୍ରଜାତନ୍ତ୍ରର ୭୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସମ୍ପାଦକ ଭର୍ତ୍ତୃହରି ମହତାବ କହିଛନ୍ତି, ଜନମତକୁ ଜାଗ୍ରତ କରି ବାଟ ହୁଡୁଥିବା ଶାସନକଳକୁ ରାସ୍ତାକୁ ଆଣିବା ଓ ସାମାଜିକ ସଚେତନତା ସୃଷ୍ଟି କରିବା କାର୍ଯ୍ୟ ନିରବଚ୍ଛିନ୍ନ ଭାବରେ କରିଚାଲିଛି ପ୍ରଜାତନ୍ତ୍ର। ମୁଖ୍ୟବକ୍ତା ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ପ୍ରଜାତନ୍ତ୍ର ହେଉଛି ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତାର ଅନ୍ତୁଡ଼ିଶାଳ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ ନାୟକ କହିଛନ୍ତି, ପ୍ରଜାତନ୍ତ୍ର ମାଧ୍ୟମରେ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶା ପାଇଁ ଯେଉଁ ପରିକଳ୍ପନା କରିଛନ୍ତି ତାହା ଅବିସ୍ମରଣୀୟ ହୋଇରହିବ। ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର କହିଛନ୍ତି, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧତାର ବିଚାରକୁ ସବୁବେଳେ ପ୍ରାଥମିକତା ଦେଇ ଆସିଛି ପ୍ରଜାତନ୍ତ୍ର। ଉତ୍ସବରେ ସ୍ୱେଚ୍ଛାସେବକ ବାବୁଲି ବେହେରା ଏବଂ ସାମାଜିକ ଅନୁଷ୍ଠାନ ସ୍ୱପ୍ନ ଫାଉଣ୍ଡେଶନକୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଏଥିସହ ପ୍ରଜାତନ୍ତ୍ର ପ୍ରଥମ ପ୍ରକାଶନର ଶତବାର୍ଷିକୀ ସ୍ମାରକୀ ସଙ୍କଳନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବାର୍ତ୍ତା ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ମୁକ୍ତିଲାଭ କଲା 'ଭଗିଆ ଭାରିଯା'



ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଭଗିଆ ଜଣେ ଅଟୋ ଡ୍ରାଇଭର ହେଲେ ବି ତା' ସ୍ତ୍ରୀର ଇଚ୍ଛାକୁ ପୂରଣ କରିବା ପାଇଁ ସେ ସବୁ ପ୍ରକାର ଚେଷ୍ଟା କରେ। ଭଗିଆର ଭାରିଯା ରିଲ୍ସ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ହିରୋଇନ ହେବାର ସ୍ୱପ୍ନ ତା' ମନରେ ଜାଗି ଉଠେ। ଭଗିଆ ସ୍ତ୍ରୀର ଇଚ୍ଛାକୁ ପୂରଣ କରିବାକୁ ଯାଇ କେତେ କଷ୍ଟ ସହିଛି ଓ ପରେ ମନୋମାଳିନ୍ୟ ହେବା ପରେ ମଧ୍ୟ ଉଭୟ କିଭଳି ପରସ୍ପର ପାଖକୁ ଫେରି ଆସିଛନ୍ତି ତାହାକୁ ନେଇ ପରଦାକୁ ଆସିଛି 'ଭଗିଆ ଭାରିଯା'। ସ୍ୱାମୀ, ସ୍ତ୍ରୀର ଏକ ନିଚ୍ଛକ ପ୍ରେମ କାହାଣୀକୁ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ଅଭିନେତା ହରିହର ମହାପାତ୍ର ଥିବାବେଳେ ତାଙ୍କ ଭାରିଯା ସାଜିଛନ୍ତି ଅଭିନେତ୍ରୀ ଦେବଯାନୀ। ପୁପିନ୍ଦର, ବବି ମିଶ୍ର, ବ୍ରଜସିଂ, ଦେବୁବ୍ରହ୍ମା, ତୃପ୍ତି ସିହ୍ନା, କାଳିଆ, ଭକ୍ତି ପ୍ରମୁଖ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ମୃତ୍ୟୁଞ୍ଜୟ ସାହୁ ଦେଇଥିବାବେଳେ ପ୍ରଯୋଜନା ଦାୟିତ୍ୱ ନିର୍ବାହ କରିଛନ୍ତି ଡ. ଭୀଷ୍ମ ରଥ ଓ ହରିହର ମହାପାତ୍ର। ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ସମ୍ପାଦନାରେ ଅଛନ୍ତି ରାଜେଶ ଦାଶ।


ଶହୀଦ ପିଣ୍ଡିକ୍ ବାହୁବଳେନ୍ଦ୍ରଙ୍କ ୨୦୩ତମ ବଳିଦାନ ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ଦାରୁଠେଙ୍ଗଠାରେ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, ପବିତ୍ରମୋହନ ବଳିଆର ସିଂ, ତପନ କୁମାର ବଳିଆର ସିଂ, ପ୍ରଫୁଲ୍ଲ ବାହୁବଳେନ୍ଦ୍ର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୪ର୍ଥ ଟେଣ୍ଡର ପରେ ଲିଜ୍ ଗଲାନି ୫୧ ଦୋକାନ ଘର

ଭୁବନେଶ୍ୱର,୯।୮(ବନ୍ଦନା ସେଠୀ)

**ପଞ୍ଚଦୀପ ମାର୍କେଟ ପାଇଁ ବିଏମ୍‌ସି ସର୍ତ୍ତାବଳୀ କାଳ**

ପଞ୍ଚଦୀପ ମାର୍କେଟର ୮୦ ଦୋକାନ ଘରର ଲିଜ୍ ପାଇଁ ୪ଥର ଟେଣ୍ଡର ଡାକିବା ପରେ ବି ବିଏମ୍‌ସିକୁ ପୁଣିଥରେ ନିରାଶ ହେବାକୁ ପଡିଛି। ଏଥର ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ୪୭ଜଣ ବ୍ୟବସାୟୀ ଭାଗ ନେଇଥିବାବେଳେ ଇ-ଅକ୍ସନ ଜରିଆରେ ୨୯ଜଣଙ୍କୁ ଚୟନ କରାଯାଇଛି। ୨୯ଟି ଦୋକାନ ଭଡ଼ା ଲାଗିବା ନେଇ ସ୍ପଷ୍ଟ ହୋଇଥିଲେ ମଧ୍ୟ ଡିଡି ବାବଦ ଆବଶ୍ୟକ ଅର୍ଥରାଶି ପଇଠ କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୋକାନ ଚାବି ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ବାକି ଥିବା ୫୧ଟି ଦୋକାନ ପାଇଁ ବିଏମ୍‌ସି ପୁଣିଥରେ ଟେଣ୍ଡର ଡାକିବାକୁ ଯୋଜନା କରୁଥିବା ଜଣାପଡିଛି। ତେବେ ବିଏମ୍‌ସିର ଦୋକାନ ନେବା ପାଇଁ ବ୍ୟବସାୟୀମାନେ କାହିଁକି ରାଜି ହେଉନାହାନ୍ତି ସେ ନେଇ କେହି ମାନସମନ୍ଥନ କରୁନାହାନ୍ତି। ଦୋକାନ ଗୃହର ଭଡ଼ାକୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରୁଥିବାବେଳେ ବିଏମ୍‌ସିର ସର୍ତ୍ତାବଳୀ କାଳ ସାଜିଥିବା ଜଣେ ଅଧିକାରୀ କହିଛନ୍ତି।

ୱାର୍ଡ ନଂ. ୩୬ ଅନ୍ତର୍ଗତ ୟୁନିଟ୍-୪ରେ ପଞ୍ଚଦୀପ କନଷ୍ଟ୍ରକ୍ସନ ଲିମିଟେଡ୍ ଏବଂ ବିଏମ୍‌ସିର ସହଭାଗୀତାରେ ପିପିପି (ପବ୍ଲିକ ପ୍ରାଇଭେଟ୍ ପାର୍ଟନରସିପ୍) ପ୍ରୋଜେକ୍ଟ ଭାବେ ୮୮୩ ଡିସିମିଲ୍ ଜମିରେ ମାର୍କେଟ ନିର୍ମାଣ ହୋଇଥିଲା। ମାର୍କେଟର ୬୫% ଅଂଶ ସମ୍ପୃକ୍ତ କମ୍ପାନୀ ଭାଗରେ ପଡିଥିବାବେଳେ ୩୫% ବିଏମ୍‌ସିର ରହିଛି। ଏହି କ୍ରମରେ ବିଏମ୍‌ସି ଭାଗରେ ମୋଟ୍ ୧୧୨ଟି ଦୋକାନ ଏବଂ ଅଫିସ୍ ଗୃହ ପଡିଥିଲା। ସେଥିମଧ୍ୟରୁ ମାତ୍ର ୩୨ଟି ଦୋକାନ ଗୃହ ଭଡ଼ା ଲାଗିଥିବାବେଳେ ବାକି ୮୦ଟି ଦୋକାନ ଗୃହକୁ କେହି ନେବା ପାଇଁ ରାଜି ହେଉନାହାନ୍ତି। ଏଥିପାଇଁ ବିଏମ୍‌ସି ୪ଥର ବିଜ୍ଞପ୍ତି ପ୍ରକାଶ କରି ସାରିଥିଲେ ହେଁ ସଫଳତା ମିଳୁ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ହିରିମୂଳ ବାହ୍ୟଜଗତରୁ ବିଚ୍ଛିନ୍ନ


ବନ୍ୟାଜଳ ମାଡ଼ି ଚାଷଜମି ବୁଡ଼ିଯାଇଛି।


ଜିଲାପାଳ ଚଞ୍ଚଳ ରାଣା ଗ୍ରାମର ସ୍ଥିତି ଅନୁଧ୍ୟାନ କରିବା ସହ ଆଲୋଚନା କରୁଛନ୍ତି।

## ଏକର ଏକର ଚାଷଜମି ଜଳମଗ୍ନ

ଖୋର୍ଦ୍ଧା,୯।୮ (ପ୍ରଭାତ ପାଣିଗ୍ରାହୀ)

ହୀରାକୁଦର ୧୪ଟି ଗେଟ୍ ଖୋଲିବା ପରେ ମହାନଦୀ ଜଳସ୍ତର ବଢୁଛି। ଏହାର ଶାଖାନଦୀ ରାଜୁଆ, ମଲାଗୁଣୀ ଓ ଦୟାରେ ଜଳସ୍ତର ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତର ହିରିମୂଳ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଗ୍ରାମରେ ଏବେ ବନ୍ୟାଜଳ ପ୍ରବେଶ କରିଛି। ହିରିମୂଳରେ ୫ଫୁଟ ଉଚ୍ଚରେ ପାଣି ଚାଲିଛି। ଗୁରୁବାର ରାତିରେ ଏହି ଗ୍ରାମରେ ବନ୍ୟାଜଳ ପଶିଥିବା ଜଣାପଡିଛି। ଏକାଧିକ ଗ୍ରାମବାସୀଙ୍କ ଚୁଲିରେ ପାଣି ପଶିଯିବାରୁ ଲୋକେ ରୋଷେଇ କରିପାରି ନ ଥିବା କହିଛନ୍ତି। ହିରିମୂଳ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏକର ଏକର ଚାଷଜମିରେ ପାଣି ମାଡିଯାଇଛି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଖବରପାଇ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ସ୍ଥାନୀୟ ସରପଞ୍ଚ, ଜନ ପ୍ରତିନିଧି ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ହିରିମୂଳ ଗ୍ରାମର ନୀଳକଣ୍ଠ ସିଂ କହିଛନ୍ତି, ଏହି ସମସ୍ୟା ପିଲାବେଳୁ ଦେଖିଆସୁଛୁ। ପ୍ରତିବର୍ଷ ପ୍ରତିଶ୍ରୁତି ମିଳୁଛି, ହେଲେ କୌଣସି ପ୍ରତିକାର କରାଯାଉନାହିଁ। ହୀରାକୁଦ ଗେଟ୍ ଖୋଲିଲେ ବ୍ଲକର ୩ ପଞ୍ଚାୟତର ପ୍ରାୟ ୧୫ ଗ୍ରାମବାସୀ ହଇରାଣ ହୋଇଥାନ୍ତି। ପଚ୍ଛୁଆ ଜଳକୁ ସଂରକ୍ଷଣ କରି ଜଳସେଚନ ବ୍ୟବସ୍ଥା କରାଗଲେ ଗ୍ରାମବାସୀ ଉପକୃତ ହେବେ। ସେହିପରି ଚାଷୀ ବୈଷ୍ଣବ ରାଉତରାୟ କହିଛନ୍ତି, ବନ୍ୟାଜଳ ମାଡି ଚାଷଜମି ଏବେ ଜଳମଗ୍ନ ହୋଇଛି। ଧାର କରି ଧାନ ବୁଣିଥିଲୁ। ଏବେ ସବୁ ଉଜୁଡିଗଲା। ସବୁବେଳେ ଏହି ସମସ୍ୟା। ପ୍ରଶାସନ ପକ୍ଷରୁ ସର୍ଭେ କରାଯାଇ ଯାହା କ୍ଷତିପୂରଣ ଦିଆଯାଏ, ତାହା ସମୁଦ୍ରକୁ ଶଙ୍ଖେ। ଜଳସେଚନର କୌଣସି ସୁବିଧା ନାହିଁ। ଚୁଡା, ଚିନି, ଗୁଡ ରିଲିଫ୍ ଦରକାର ନାହିଁ, ସ୍ଥାୟୀ ପ୍ରତିକାର ଦରକାର। ପ୍ରତିବର୍ଷ ବହୁ ଆଶା ନେଇ ଧାନଚାଷ କରୁଛୁ। ଠିକ୍ ସମୟରେ ରାଜୁଆ ନଦୀର ପାଣି ପଶି ନଷ୍ଟ କରିଦେଉଛି। ପ୍ରତିବର୍ଷ କ୍ଷତି ସହିବାକୁ ପଡୁଛି। ଗ୍ରାମର ଜଣେ ମହିଳା କହିଛନ୍ତି, ରାତିରେ ଶୋଇଥିବା ବେଳେ ସକାଳୁ ଉଠିବା ବେଳକୁ ଘରେ ଭିତରେ ପାଣି ପଶିଗଲାଣି। ରାଜୁଆ ନଦୀ ୩ ପଞ୍ଚାୟତ ପାଇଁ ଦୁଃଖ ପାଲଟିଛି। ଘେରିବନ୍ଧ ନିର୍ମାଣ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ହିରିମୂଳ, ଡିହଖଳା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଜିଲାପାଳ ରାଣା କହିଛନ୍ତି, ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ଅଛି। ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ବ୍ୟବସ୍ଥା କରାଯାଇଛି। ହିରିମୂଳ ଗ୍ରାମବାସୀଙ୍କ ଯାତାୟାତ ଲାଗି ଦୁଇଟି ଡଙ୍ଗା ବ୍ୟବସ୍ଥା କରାଯାଇଛି। ବନ୍ୟାଜଳ ବଢିଲେ ଗ୍ରାମବାସୀଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ସ୍ଥାନୀୟ ଜନପ୍ରତିନିଧି, ଆର୍‌ଆଇ ପରିସ୍ଥିତି ଉପରେ ନଜର ରଖିଛନ୍ତି। ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବ। ଗୋରୁଙ୍କ ପାଇଁ ଗୋଖାଦ୍ୟ ବ୍ୟବସ୍ଥା ପାଇଁ ଜିଲା ପ୍ରାଣୀଧନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଆବଶ୍ୟକସ୍ଥଳେ ସମସ୍ତ ସୁବିଧା ଯୋଗାଇଦେବା ଲାଗି ସମସ୍ତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଜରୁରିକାଳୀନ ସେବାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଅଧିକାରୀଙ୍କୁ ସଜାଗ ରହିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିୟନ୍ତ୍ରଣ କକ୍ଷ କାର୍ଯ୍ୟକୁ ତ୍ୱରାନ୍ୱିତ ସହ ସମସ୍ତ ଅଧିକାରୀମାନଙ୍କ ଛୁଟି ବାତିଲ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ପୋଲିସ ପ୍ରଶାସନ ମିଳିତଭାବେ ସଜାଗ ରହିବେ। ବନ୍ୟାଜଳ ଦ୍ୱାରା ଚାଷଜମି ବିଶେଷ ପ୍ରଭାବିତ ହେବା ସମ୍ଭାବନା ରହିଛି। ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ଆକଳନ କରାଯିବ। ସେହିପରି ବିଧାୟକ ଜଗଦ୍ଦେବ କହିଛନ୍ତି, ରାଜୁଆରେ ପଚ୍ଛୁଆ ଜଳ ପଶିବା ଦ୍ୱାରା ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ୩ ପଞ୍ଚାୟତର ପ୍ରାୟ ୧୦ଗାଁ ପ୍ରଭାବିତ ହୋଇଥାଏ। ରାଜୁଆ ଓ ମଲାଗୁଣୀ ବ୍ୟାରେଜକୁ କାର୍ଯ୍ୟକ୍ଷମ ପାଇଁ ଲୋକଙ୍କ ଦାବି ରହିଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ମୁଖ୍ୟଯନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛି। ଏହାକୁ ସର୍ବାଗ୍ରେ ପ୍ରାଥମିକତା ଦିଆଯିବ। ଚାଷଜମିକୁ କିଭଳି ଜଳସେଚନ ବ୍ୟବସ୍ଥା ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ।

# ବନ୍ଧୁ ଘରୁ ଚୋରି କରି ଯୁବକ ଗିରଫ

ଭୁବନେଶ୍ୱର,୯।୮ (ସତ୍ୟଜିତ୍ ରାଉତ)

ବିଶ୍ୱାସରେ ବିଷ ଭରିଲେ ବନ୍ଧୁ। ବନ୍ଧୁଙ୍କ ଘରୁ ଚୋରି କଲେ। ଅଭିଯୋଗ ପରେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଡୁମୁଡୁମା ହାଉସିଂବୋର୍ଡ କଲୋନି ଫେଜ୍-୨ର ସନ୍ଦୀପ ଦାସ (୩୧)। ତାଙ୍କଠାରୁ ଚୋରି ହୋଇଥିବା ୧୬୦ ଗ୍ରାମ୍‌ର ବିଭିନ୍ନ ସୁନା ଅଳଙ୍କାର ଓ ୨୩ ଗ୍ରାମ୍‌ର ରୁପା ଅଳଙ୍କାର ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଜିତ୍ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଡୁମୁଡୁମା ଫେଜ୍-୧ ହାଉସିଂ ବୋର୍ଡ କଲୋନିରେ ରହୁଥିବା ଅଭିଜିତ ବେହେରାଙ୍କ ଘରକୁ ଅଭିଯୁକ୍ତ ସନ୍ଦୀପ ପ୍ରାୟ ସମୟରେ ଆସନ୍ତି। ଅଭିଜିତ୍ ଘର ତାଲା ଦେବା ପରେ ବାହାରେ ଯେଉଁଠି ଚାବି ରଖନ୍ତି ତାହା ଜାଣିଥିଲେ ସନ୍ଦୀପ। ସୋମବାର ସକାଳ ପ୍ରାୟ ୬ଟା ୩୦ରେ ଅଭିଜିତ ପରିବାର ସହ ଲିଙ୍ଗରାଜ ମନ୍ଦିରକୁ ଯାଇଥିଲେ। ଏହି ସମୟରେ ସନ୍ଦୀପ ଚାବି ଖୋଲି ଆଲମିରାରୁ ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଥିଲେ। ଅଭିଜିତ ଅପରାହ୍ନ ୨ଟା ୩୦ ସମୟରେ ଘରକୁ ଫେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୨୭/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜ୍ ଓ ଏକାଧିକ ଲୋକଙ୍କୁ ପଚରାଉଚରା ପରେ ପୋଲିସ ସନ୍ଦୀପଙ୍କୁ ଧରିଥିଲା।

# ବିନା ଉତ୍କୋଚରେ ଦସ୍ତଖତ ହେଉନି ଫାଇଲ

## ଅଭିଯୋଗ ଆଣିଲା ପିଷ୍ଟା

ଖୋର୍ଦ୍ଧା,୯।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି ବୋଲି ପ୍ରାଥମିକ ଶିକ୍ଷକ ସଂଘ (ପିଷ୍ଟା) ଖୋର୍ଦ୍ଧା ବ୍ଲକ ଅଭିଯୋଗ ଆଣିଛି। ଏନେଇ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶିକ୍ଷକ ସଂଘ ଅଭିଯୋଗ ଆଣିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବିଇଓ କାର୍ଯ୍ୟାଳୟରେ ଚାଲିଥିବା ବିଭିନ୍ନ ଦୁର୍ନୀତି ଉପରେ ପିଷ୍ଟା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଅଭିଯୋଗ ମୁତାବକ, ବିଇଓଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ ଜିଲାପାଳଙ୍କ ଦ୍ୱାରା ଏକ ତଦନ୍ତ କମିଟି ଗଠନ କରାଯାଇଥିଲା। ଶିକ୍ଷା ଜିଲା ଅଧିକାରୀ ଏହା ତଦନ୍ତ ରିପୋର୍ଟରେ ବ୍ୟାପକ ଅନିୟମିତତା ସମ୍ପର୍କରେ ଜିଲାପାଳ ଏବଂ ବିଭାଗୀୟ ସଚିବ, ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ତଦନ୍ତ ରିପୋର୍ଟକୁ ଆଧାର କରି କାର୍ଯ୍ୟରତ ଦୁଇ ଜଣ କର୍ମଚାରୀଙ୍କୁ ଏଠାରୁ ବଦଳି ହୋଇଥିଲେ ମଧ୍ୟ ଏହାକୁ ପ୍ରୋତ୍ସାହିତ କରୁଥିବା ସମ୍ପୃକ୍ତ ବିଇଓଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଦୁର୍ବ୍ୟବହାର ସହ ହଇରାଣ କରୁଛନ୍ତି। ଶିକ୍ଷକମାନଙ୍କ ଏମଏସିପି. ବାର୍ଷିକ ଇନକ୍ରିମେଣ୍ଟ, ଏରିଅର, ଛୁଟିରେ ଥିବା ଶିକ୍ଷକମାନଙ୍କ ଦରମା ଓ ପଦୋନ୍ନତି ପରେ ରିଭାଇଜ ପେ-ଫିକ୍ସେସନ୍ କରାଯାଉନାହିଁ। ଜଣେ ସିଆରସିସିଙ୍କ ମାଧ୍ୟମରେ ଶିକ୍ଷକମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉଛି। ସମ୍ପୃକ୍ତ ସିଆରସିସି ତାଙ୍କ କ୍ଲଷ୍ଟରକୁ ନ ଯାଇ ବିଇଓଙ୍କ ଅଫିସ୍ ଆଗରେ ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ବିନା ଉତ୍କୋଚରେ ଅଫିସରେ କୌଣସି ଫାଇଲ ଦସ୍ତଖତ କରାଯାଉନାହିଁ। ଏବେ ଶିକ୍ଷକମାନଙ୍କୁ ନିଯୁକ୍ତି ଦେବା କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଉଚ୍ଚ ଅଧିକାରୀଙ୍କ ବିନା ମଞ୍ଜୁରୀରେ ଶିକ୍ଷକମାନଙ୍କୁ ଡେପୁଟେସନ୍ ପରେ ଡେପୁଟେସନ କରାଯାଉଛି। ପ୍ରତି ଡେପୁଟେସନ୍ ପାଇଁ ୨୦ରୁ ୩୦ହଜାର ଟଙ୍କା ଲାଞ୍ଚ ନିଆଯାଉଛି। ଅବସରପ୍ରାପ୍ତ ଶିକ୍ଷକ ମାନଙ୍କଠାରୁ ଫାଇନାଲ ପେନସନ୍ ପାଇ ୧୦ ରୁ ୧୫ହଜାରଟଙ୍କା ଉତ୍କୋଚ ଦାବି କରୁଛନ୍ତି। ବାଣପୁର ମଣ୍ଡଳର ପୂର୍ବତନ ବିଇଓଙ୍କ ବିରୋଧରେ ଏକାଧିକ ଅଭିଯୋଗରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ବିଭିନ୍ନ ଅଭିଯୋଗରେ ଛନ୍ଦି ହୋଇପଡିଥିବା ବିଇଓଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ପିଷ୍ଟା ଅଭିଯୋଗରେ ଉଲ୍ଲେଖ କରିଛି। ବିଇଓ ଅଫିସକୁ ଦୁର୍ନୀତି ମୁକ୍ତ ସହ ସମ୍ପୃକ୍ତ ବିଇଓଙ୍କୁ ତୁରନ୍ତ ଏଠାରୁ ଅନ୍ୟତ୍ର ବଦଳି ପାଇଁ ସଂଘ ଜିଲାପାଳଙ୍କ ନିକଟରେ ଦାବି କରିଛି। ଏନେଇ ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# କାଠଫାଳିଆରେ ଜେଜେଙ୍କୁ ନାତିର ଆକ୍ରମଣ

ଟାଙ୍ଗୀ,୯।୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଞ୍ଚଳରେ ସମ୍ପତ୍ତି ଲୋଭରେ ଜେଜେଙ୍କୁ ତାଙ୍କ ନାତି କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ଗଙ୍ଗାଧର ପଲେଇଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଉଛି।

## ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି, ପେନ୍‌ସନ ପ୍ରଦାନ ଦାବି

ପିପିଲି,୯।୮ (ପ୍ରଭାତ କୁମାର ମହାପାତ୍ର)

ଚଳିତ ମାସ ୩୧ ତାରିଖରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମାର ଅବଧି ଶେଷ ହେବାକୁ ଯାଉଛି। ସରକାର ବଦଳିବା ପରେ ଏହାର ନବୀକରଣ ପାଇଁ ଏଯାବତ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ। ଶୁକ୍ରବାର କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର ରାଜ୍ୟ ସଭାପତି ମନୋଜ ଦାସ ଓ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତା ଏବଂ କାର୍ଯ୍ୟରତ ଖବରଦାତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରି ଠିକ ସମୟରେ ପଦକ୍ଷେପ ନିଆଯିବ ବୋଲି କହିଥିବା ସଭାପତି ଦାସ ଓ ସାଧାରଣ ସମ୍ପାଦକ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ବୀମା ଯୋଜନାର ହିତାଧିକାରୀ କାର୍ଯ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାର ପାଇଁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯାଇଥାଏ। ଚଳିତ ବର୍ଷ ଠାରୁ ଏହି ବୀମା ରାଶିକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ସାମ୍ବାଦିକଙ୍କୁ ଅବସରକାଳୀନ ପେନସନ ପ୍ରଦାନ ଓ ଅନ୍ୟ ରାଜ୍ୟ ଭଳି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଆଦି ୮ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯାଇଛି। ଏହି ଅବସରରେ ସଂଘର ଉପସଭାପତି ସୌରଭ ପଟ୍ଟନାୟକ, ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ ଓତାଙ୍କ ସମେତ ବିଭିନ୍ନ ଜିଲାର କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ଥିଲେ।

# ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ଅତୁଳନୀୟ

ଭୁବନେଶ୍ୱର,୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ କ୍ରାନ୍ତି ଦିବସ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତାଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର କହଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ଅତୁଳନୀୟ। ଯେତେବେଳେ ଭାରତର ସ୍ୱାଧୀନତା ପାଇଁ ସାରା ଦେଶରେ ଆନ୍ଦୋଳନ ଚାଲିଥିଲା, ସେହି ସମୟରେ ଓଡ଼ିଶା ଦୁଇଟି ସଂଗ୍ରାମ ଚଳାଇଥିଲା। ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓ ସମ୍ମାନିତ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ କ୍ରାନ୍ତି ଦିବସ ଉପରେ କହିଥିଲେ।

# 'ଅଣ୍ଡର ସିକ୍ସଟିନ୍‌ରେ' ପ୍ରତିଭା ଦେଖାଇଲେ ନୃତ୍ୟଶିଳ୍ପୀ

ଭୁବନେଶ୍ୱର,୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶୀ ନୃତ୍ୟଶିଳ୍ପୀ ପରିଷଦ(ଓଡିସି) ଦ୍ୱାରା ଆୟୋଜିତ ଷୋହଳ ବର୍ଷରୁ ଅଣ୍ଡର ସିକ୍ସଟିନ ୨୦୨୪ ନୃତ୍ୟ କାର୍ଯ୍ୟକ୍ରମର ୧୦ମ ସଂସ୍କରଣ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୮ଜଣ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଡ. ଅରୁଣା ମହାନ୍ତି, ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସିକତା ଦାସ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତିରାଣୀ ସାମନ୍ତ, ଓଡିସି ସଭାପତି ଡ. ସ୍ନେହପ୍ରଭା ସାମନ୍ତରାୟ, ସଚିବ ଡ. ଇଲିଆନା ଚିତାରିସ୍ତି ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଗୁରୁ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସନ୍ଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ମଙ୍ଗଳାଚରଣ ବିନାୟକ ସ୍ମରଣେ। ମହାପ୍ରଭୁଙ୍କ ନିକଟରେ ନତମସ୍ତକ ହୋଇ ପରିବେଷଣ କରିଥିଲେ ଗୁରୁ ପୌଲୋମୀ ମୁଖାର୍ଜୀଙ୍କ ଶିଷ୍ୟା ସୁଶ୍ରୀ ଆଥେନା ମୁଖାର୍ଜୀ। ଏହା ପରେ ସ୍ୱପ୍ନାରାଣୀ ସିହ୍ନାଙ୍କ ତତ୍ତ୍ୱାବଧାନରେ ଅନୁଷ୍କା ସାହା ପରିବେଷଣ କରିଥିଲେ ବକ୍ରକାନ୍ତି ପଲ୍ଲବୀ। ଶିବାଙ୍ଗୀ ପ୍ରହରାଜ ପାରମ୍ପାରିକ ଚମ୍ପୁ ରଚନାରେ ଅଭିନୟ ଭଙ୍ଗୀ ଚାହାଁ.. ପରିବେଷଣ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଦେଶଭକ୍ତି ଭରିଲା 'ଫିର୍ ଭି ଦିଲ୍ ହେ ହିନ୍ଦୁସ୍ଥାନୀ'



## କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ସମ୍ମାନିତ

ଭୁବନେଶ୍ୱର,୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଏମ୍ ଡି କ୍ରିଏଶନ୍ସ ଆଣ୍ଡ ଗ୍ରୁପ୍ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ସନ୍ଧ୍ୟା 'ଫିର୍ ଭି ଦିଲ୍‌ହେ ହିନ୍ଦୁସ୍ଥାନୀ' ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୀବନବ୍ୟାପୀ ସଙ୍ଗୀତ ସାଧନା ପାଇଁ ଶୈଳଭାମା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ସଙ୍ଗୀତ ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦେଶଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଜୁମ୍ବା ଡାନ୍ସ ଗ୍ରୁପ୍ ପକ୍ଷରୁ ଦେଶାତ୍ମବୋଧ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ବୁବୁ, ସମୀର, ପ୍ରଦ୍ୟୁମ୍ନ, ଅରୁନ୍ଧତୀ, ଅଭିଜିତ, ବିଶ୍ୱନାଥ, ପ୍ରଣତି, ଅଳକା, ସନ୍ତୋଷ, ଜଗଜୀବନ, ଦୀପିକା, ମମତା, ଜ୍ୟୋତ୍ସ୍ନା ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଶହୀଦଙ୍କ ସ୍ମୃତି ଚାରଣ କରାଯିବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କୁମାର ଗୌରବ ଓ ଗୁଲସନ ନଦୀମ ପରିଚାଳନା କରିଥିବା ବେଳେ ମମତା ଦାଶ ଓ ମନୋରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଧ୍ୟାତ୍ମିକତା ମାନବୀୟ ଚେତନାର ଏକ ଦିବ୍ୟ ପରିପ୍ରକାଶ

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଶ୍ରୀଗୁରୁ ଭାଗବତ' ଲୋକାର୍ପିତ

ଭୁବନେଶ୍ୱର,୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)



ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ କାବ୍ୟଗ୍ରନ୍ଥ 'ଶ୍ରୀଗୁରୁ ଭାଗବତ'ର (ଓଡ଼ିଆ) ନବମ ଖଣ୍ଡ ଲୋକାର୍ପଣ ଉତ୍ସବ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଲୋକାର୍ପଣ କରି କହିଲେ, ଦେଶର ଆଧ୍ୟାତ୍ମିକ ଜଗତରେ ଗୁରୁଜୀ ଡ. ଶତପଥୀ ଜଣେ ଅସାମାନ୍ୟ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱ। ତାଙ୍କ ଦ୍ୱାରା ରଚିତ କାବ୍ୟଗ୍ରନ୍ଥ 'ଶ୍ରୀଗୁରୁ ଭାଗବତ' ସମ୍ପୂର୍ଣ୍ଣ ଗୁରୁ ତତ୍ତ୍ୱକୁ ନେଇ ଆଧାରିତ। ଏହା କୌଣସି ନିର୍ଦ୍ଦିଷ୍ଟ ଗୁରୁ, ପରମ୍ପରା, ମତ ବା ସମ୍ପ୍ରଦାୟକୁ ଆଧାର କରି ଉଦ୍ଦିଷ୍ଟ ନୁହେଁ। କେବଳ ଓଡ଼ିଶା ନୁହେଁ, ଛତିଶଗଡ଼, ହରିୟାଣା ଓ ୟୁପି ଆଦି ରାଜ୍ୟରେ ଭାଗବତ ତୁଙ୍ଗୀ ପ୍ରତିଷ୍ଠା ହୋଇ ପାରିଛି। ଶ୍ରୀଗୁରୁ ଭାଗବତ ୨୦ଟି ଭାଷା ଓ ଉପଭାଷାରେ ଅନୁବାଦିତ ହୋଇସାରିଛି। କୋଶଲି ଓ ସାନ୍ତାଳି ଭାଷାରେ ମଧ୍ୟ ଅନୁବାଦ ହୋଇଛି। ଆଧ୍ୟାତ୍ମିକତା ଆମ ମାନବୀୟ ଚେତନାର ଏକ ଦିବ୍ୟ ପରିପ୍ରକାଶ। ସାଧାରଣ ମଣିଷକୁ ଦେବତ୍ୱ ପ୍ରଦାନ କରିବା ଦିଗରେ ଆଧ୍ୟାତ୍ମିକତା ହେଉଛି ଶ୍ରେଷ୍ଠ ମାର୍ଗ। ଦେଶରେ ଏକ ଆଧ୍ୟାତ୍ମିକ କ୍ରାନ୍ତି ଆଣିବାରେ ଗୁରୁଜୀଙ୍କ ଏହି ଆଧ୍ୟାତ୍ମିକ ଅଭିଯାନ ସହାୟକ ହେଉଛି। ଗୁରୁଜୀଙ୍କ ଜ୍ଞାନ ଓ ବାଣୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଟ୍ରାଫିକ୍ କଟକଣା

## ପିଏମ୍‌ଜି ଛକରୁ ମାଷ୍ଟରକ୍ୟାଣ୍ଟିନ ଗ୍ୟାସ୍ ବେଲୁନ୍ ବିକ୍ରି ମନା

ଭୁବନେଶ୍ୱର,୯।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପରେଡ୍ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ଅଗଷ୍ଟ ୧୧ ଓ ୧୨ ଅପରାହ୍ନ ୨ଟାରୁ ୫ଟା ଯାଏ ଅଭ୍ୟାସ ପରେଡ୍ ଏବଂ ଅଗଷ୍ଟ ୧୩ ସକାଳ ୭ଟାରୁ ୧୧ଟା ୩୦ ଯାଏ ପୂର୍ଣ୍ଣ ଅଭ୍ୟାସ ପରେଡ୍ ହେବ। ଏଥିସହ ଅଗଷ୍ଟ ୧୫ରେ ସକାଳ ୬ଟା ୩୦ରୁ ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ୍ ଓ ସଭା କାର୍ଯ୍ୟକ୍ରମ ରହିଛି। ତେଣୁ ଏହିଦିନ ପାଇଁ ପୋଲିସ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ରାଫିକ୍ ନିର୍ଦ୍ଦେଶନାମା ଅନୁଯାୟୀ, କୌଣସି ଭାରିଯାନ ରାମମନ୍ଦିର ଏବଂ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକକୁ ଯିବନାହିଁ। କେବଳ ଦୁଇଚକିଆ ତଥା ହାଲୁକା ଯାନ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଆଡ଼କୁ ଆସିପାରିବ, କିନ୍ତୁ ପିଏମ୍‌ଜି ଛକ ଆଡକୁ ଯିବନାହିଁ। ହାଉସିଂବୋର୍ଡ ଛକପଟୁ ରବୀନ୍ଦ୍ରମଣ୍ଡପ ଆଡକୁ ଆସୁଥିବା ଯାନବାହନଗୁଡିକ କେଶରୀ ଟକିଜ୍‌ଠାରୁ ଆଗକୁ ନ ଯାଇ ସେହିଠାରୁ ବାମପଟ ଲେନ୍ ଦେଇ ଯାଇପାରିବ। ସେହିପରି ଏଜି ଛକରୁ ପିଏମ୍‌ଜି ଛକ ଆଡକୁ ଆସୁଥିବା ସମସ୍ତ ଗାଡି ସୂଚନା ଭବନ ଗଳି ରାସ୍ତା ଦେଇ ଇଉକଲ୍ ଅଡିଟୋରିୟମ୍ ପଟକୁ ଯିବ। ୧୨୦ ବାଟାଲିୟନ୍ ଛକରୁ ରବୀନ୍ଦ୍ରମଣ୍ଡପ ଆଡକୁ ଆସୁଥିବା ସମସ୍ତ ଯାନବାହନ ଏମ୍‌ଏଲ୍‌ଏ କଲୋନି ରାସ୍ତା ଦେଇ ୪ ନମ୍ବର ଆଡକୁ ଯିବ। ମହାତ୍ମା ଗାନ୍ଧୀ ମାର୍ଗ ସଂଲଗ୍ନ ସମସ୍ତ ଲେନ୍ ଓ ବାଇଲେନ୍‌ଗୁଡିକରେ ଯାନବାହନ ଚଳାଚଳ ବନ୍ଦ ରହିବ। କେବଳ ପଦଚାରୀମାନେ ଚାଲି ଚାଲି ମହାତ୍ମା ଗାନ୍ଧୀ ମାର୍ଗକୁ ଯାଇପାରିବେ। ଏଥିସହ ରାଜ୍ୟସ୍ତରୀୟ ପରେଡ ପରିପ୍ରେକ୍ଷୀରେ ଗାଡି ପାର୍କିଂ ନିର୍ଦ୍ଧାରଣ କରାଯାଇଛି। ରେଳଷ୍ଟେଶନ ପାଖ ବିଡିଏ ବସ୍‌ଷ୍ଟାଣ୍ଡ, କଂଗ୍ରେସ ଭବନ ପାଖ ଖୋଲାସ୍ଥାନ, ଇଉକଲ୍ ଅଡିଟୋରିୟମ୍ ପାଖ ଖୋଲାସ୍ଥାନ, ସୂଚନା ଭବନ ସମ୍ମୁଖ ଖୋଲାସ୍ଥାନ, ୩ ନମ୍ବର ଷ୍ଟେଟ୍‌ବ୍ୟାଙ୍କ ଅଫ ଇଣ୍ଡିଆ ସାମ୍ନା ଖୋଲାସ୍ଥାନ, ରବୀନ୍ଦ୍ରମଣ୍ଡପ ପରିସର ଓ ୨ ନମ୍ବର ସରକାରୀ ବାଳିକା ବିଦ୍ୟାଳୟ ପଡ଼ିଆରେ ଗାଡି ପାର୍କିଂ ହେବ। ସ୍ୱାଧୀନତା ଦିବସରେ ପରେଡ ସରିବା ଯାଏ ପିଏମ୍‌ଜି ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ମଧ୍ୟରେ କୌଣସି ବ୍ୟକ୍ତି ଗ୍ୟାସ୍ ବେଲୁନ୍ ବିକ୍ରି କରିପାରିବେ ନାହିଁ। ନିର୍ଦ୍ଦେଶନାମା ଉଲ୍ଲଂଘନ କଲେ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ ଧାରା ୯୬ ଅନୁଯାୟୀ ୫୦୦ କିମ୍ବା ୧୦୦୦ ଟଙ୍କା ଜରିମାନା ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### 'ପୂର୍ବଭଳି କାର୍ଯ୍ୟକ୍ରମ ଜାରି ରହିବ'

**ଚୌଦ୍ୱାର,୯।୮(ଆଶୁତୋଷ ଦାସ):** ଚୌଦ୍ୱାରସ୍ଥିତ ସ୍ୱର୍ଣ୍ଣଲକ୍ଷ୍ମୀ ଗାର୍ଡେନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରୁ ଦ୍ୱିତୀୟ ଥର ପାଇଁ ବିଧାୟକ ହୋଇଛି। ଏହି ବିଜୟର ଶ୍ରେୟ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ଚୌଦ୍ୱାର-କଟକ ବାସୀଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଚୌଦ୍ୱାର ସହରର ସମସ୍ତ ଜନସାଧାରଣ ଓ ଚୌଦ୍ୱାର ନଗର ବିଜେଡିର କର୍ମକର୍ତ୍ତାମାନଙ୍କୁ ସୌଭିକ୍ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ପୂର୍ବଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା, କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ରାଜ୍ୟ ଯୁଗ୍ମ ସମ୍ପାଦକ ଅର୍ଜୁନ ପଣ୍ଡା, ଯୁବ ସଭାପତି ଶାରଦା ରଞ୍ଜନ ପରିଜା, ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ, ମହିଳା ସଭାପତି କବିତାରାଣୀ ଲେଙ୍କାଙ୍କ ସମେତ ସମସ୍ତ କାଉନସିଲର, ମହିଳା ନଗର କମିଟି ସଦସ୍ୟା, ୱାର୍ଡ ସଭାପତି ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

**କଟକ ସଦର,୯।୮(ସୁଶାନ୍ତ କୁମାର ଜେନା):** ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ୪୨ ମୌଜା ଭାଜପା ମଣ୍ଡଳ ପକ୍ଷରୁ କଟକ ସଦର ବ୍ଲକ ଅଧୀନ ଶ୍ରୀରାମ ଗ୍ରାମରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମୀର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଇଂ. ଅଶୋକ ବିଶ୍ୱାଳ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ୧୧ରୁ ୧୯ ତାରିଖ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଫଳ ରୂପାୟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ପୀୟୂଷ ରଞ୍ଜନ ପରିଡା, ଶୁଭନ୍ୟାସ ମହାନ୍ତି, ବିଜୟ ରାଉତରାୟ, ସୁବାସ ଚନ୍ଦ୍ର ଗୋଚ୍ଛାୟତ, ଡଲି ସ୍ୱାଇଁ, ପ୍ରବେଶ ରାଉତ, ଦେବୀପ୍ରସାଦ ପତି, ସୁମିତ୍ରା ଦେବତା ଓ ଶଙ୍କର ନନ୍ଦ ଉପସ୍ଥିତ ଥିଲେ।

### ଭକ୍ତ ତ୍ରିପାଠୀ ସିଜିଡିଓଏ ସଭାପତି

**ଫୁଲନଖରା,୯।୮(ସତ୍ୟରଞ୍ଜନ ଦାସମହାପାତ୍ର):** ଫୁଲନଖରାସ୍ଥିତ ଅଗ୍ରଣୀ ଆବାସିକ କଲୋନୀ କୋଭେଣ୍ଟ ଗାର୍ଡେନ ଡୁପ୍ଲେକ୍ସ ଓନର୍ସ ଆସୋସିଏଶନ (ସିଜିଡିଓଏ) ପରିଚାଳନା କମିଟିର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ, ସମ୍ପାଦକ ବୈଜ୍ଞାନିକ ଡ. ସୁନୀଲ ରାଘବ, ଉପ ସଭାପତି ଅଲକାନନ୍ଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଶ୍ରୁତକିର୍ତ୍ତୀ ଦାଶ ଓ କୋଷାଧ୍ୟକ୍ଷ ଭାବେ ଇଜିଡୋର କୁଜୁର ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟନିର୍ବାହୀ କମିଟିରେ ସୁରଭୀ ସ୍ୱାଇଁ, ଶର୍ମିଷ୍ଠା ପ୍ରହରାଜ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଞ୍ଜୀବ ଗିନୋଡିଆ ଏବଂ ଡା. ବରିଷା ଖାନ୍ ରହିଛନ୍ତି। ଏହି ଅବସରରେ କମିଟିର ନବନିର୍ବାଚିତ ସଦସ୍ୟମାନେ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରି କୋଭେଣ୍ଟକୁ ଅଧିକ ଅଭିବୃଦ୍ଧି ତଥା ବାସିନ୍ଦାଙ୍କ କଲ୍ୟାଣ ଦିଗରେ ଆଗେଇ ନେବାକୁ ପ୍ରତିଜ୍ଞା କରିଥିଲେ। ବିଦାୟୀ ସଭାପତି ବ୍ରହ୍ମାନନ୍ଦ ମିଶ୍ର ଓ ସମ୍ପାଦକ ମାନଗୋବିନ୍ଦ ମିଶ୍ର ନୂତନ କମିଟି ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଗାଳ୍ପିକ ବିବୁ ଦାସ, ସୁଦର୍ଶନ ଗନ୍ତାୟତ ଓ କବିଚରଣ ସ୍ୱାଇଁ ନିର୍ବାଚନ ପରିଚାଳନା କରିଥିଲେ।

# 'ଖବରକାଗଜର ଲକ୍ଷ୍ୟ ଲୋକାଭିମୁଖୀ ହେବା ଉଚିତ'

କଟକ,୯।୮ (କାର୍ତ୍ତିକ ସାହୁ)



ପ୍ରଜାତନ୍ତ୍ରର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଖବରକାଗଜର ଲକ୍ଷ୍ୟ ସର୍ବଦା ଲୋକାଭିମୁଖୀ ହେବା ଉଚିତ୍। ଏଥିସହ ଖବରକାଗଜ ଭୂମିକା ବେସାଲିସ, ସ୍ପଷ୍ଟ ଓ ସତ୍ୟାଶ୍ରୟୀ ହେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଜାତନ୍ତ୍ର ପରିସରସ୍ଥ ବିଷୁବ ମଣ୍ଡପରେ ଶୁକ୍ରବାର ପ୍ରଜାତନ୍ତ୍ରର ୭୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପ୍ରକାଶ ପାଇଥିଲା ପ୍ରଜାତନ୍ତ୍ର। ୧୯୨୩ରୁ ୧୯୩୨ ମଧ୍ୟରେ ପ୍ରଜାତନ୍ତ୍ର ଗ୍ରହଣ କରିଥିଲା ବିପ୍ଳବୀର ଭୂମିକା। ସ୍ୱାଧୀନତା ଆନ୍ଦୋଳନର ପୃଷ୍ଠଭୂମି ଉପରେ ଜନ ସଚେତନତା ସୃଷ୍ଟି କରିବାରେ ପ୍ରଜାତନ୍ତ୍ର ପାଲଟିଥିଲା ତତ୍କାଳୀନ ଓଡ଼ିଶାରେ ସଂଗ୍ରାମୀମାନଙ୍କର ପ୍ରେରଣା। ପ୍ରଜାତନ୍ତ୍ର ଆଜିପର୍ଯ୍ୟନ୍ତ ନିଜ ସ୍ୱତନ୍ତ୍ରତା ଓ ମର୍ଯ୍ୟାଦା ବଜାୟ ରଖି ଆସିଛି। ଖବରକାଗଜଗୁଡ଼ିକରେ ଲୋକମତର ଠିକ୍ ପ୍ରତିଫଳନ ହେଲେ ସରକାର ମଧ୍ୟ ଅଧିକ ସକ୍ରିୟ ଓ ଲୋକାଭିମୁଖୀ ହୋଇପାରିବେ।

ସମ୍ପାଦକ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ପ୍ରଦାନ କରି କହିଛନ୍ତି, ଜନମତକୁ

## ପ୍ରଜାତନ୍ତ୍ରର ୭୭ତମ ବାର୍ଷିକୋତ୍ସବ

ଜାଗ୍ରତ କରି ବାଟ ହୁଡୁଥିବା ଶାସନକଳକୁ ରାସ୍ତାକୁ ଆଣିବା ଓ ସାମାଜିକ ସଚେତନତା ସୃଷ୍ଟି କରିବା କାର୍ଯ୍ୟ ନିରବଚ୍ଛିନ୍ନ ଭାବରେ କରିଚାଲିଛି ପ୍ରଜାତନ୍ତ୍ର। ଓଡ଼ିଆ ଭାଷା, ସାହିତ୍ୟ ଓ ଅସ୍ମିତା ରକ୍ଷା ପାଇଁ ଡକ୍ଟର ହରେକୃଷ୍ଣ ମହତାବ ଯେଉଁ ପରିକଳ୍ପନା କରିଥିଲେ, ପ୍ରଜାତନ୍ତ୍ର ଆଜି ମଧ୍ୟ ସେହି ସଂକଳ୍ପ ନେଇ ଅଗ୍ରସର ହେଉଛି। ମୁଖ୍ୟବକ୍ତା ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ପ୍ରଜାତନ୍ତ୍ର ହେଉଛି ଜନଗଣଙ୍କ ମୁଖପତ୍ର। ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତାର ଏହା ହେଉଛି ଅନ୍ତୁଡ଼ିଶାଳ। ପ୍ରଜାତନ୍ତ୍ର ଓଡ଼ିଶାର ଜନଜୀବନକୁ ଓ ସମାଜର ପ୍ରତିଟି କ୍ଷେତ୍ରକୁ ସ୍ପର୍ଶ କରିଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଡ. ସଞ୍ଜୟ ନାୟକ କହିଛନ୍ତି, ପ୍ରଜାତନ୍ତ୍ର ମାଧ୍ୟମରେ ଡକ୍ଟର ମହତାବ ଓଡ଼ିଶା ପାଇଁ ଯେଉଁ ପରିକଳ୍ପନା କରିଛନ୍ତି ତାହା ଅବିସ୍ମରଣୀୟ ହୋଇରହିବ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସହିତ ଡକ୍ଟର ମହତାବଙ୍କ ସମ୍ପର୍କ ଏବଂ ତାଙ୍କ ଛାତ୍ର ଜୀବନ ସମ୍ପର୍କରେ ଡ. ନାୟକ ବକ୍ତବ୍ୟ ରଖିଥିଲେ। ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର କହିଛନ୍ତି, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧତାର ବିଚାରକୁ ସବୁବେଳେ ପ୍ରାଥମିକତା ଦେଇ ଆସିଛି ପ୍ରଜାତନ୍ତ୍ର। ଓଡ଼ିଶାର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଡକ୍ଟର ମହତାବ ଏବଂ ପ୍ରଜାତନ୍ତ୍ରର ଅବଦାନକୁ କେହି କଦାପି ଭୁଲିପାରିବେ ନାହିଁ। ଉତ୍ସବରେ ସ୍ୱେଚ୍ଛାସେବକ ବାବୁଲି ବେହେରା ଏବଂ ସାମାଜିକ ଅନୁଷ୍ଠାନ ସ୍ୱପ୍ନ ଫାଉଣ୍ଡେଶନକୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ଏଥିସହ ପ୍ରଜାତନ୍ତ୍ର ପ୍ରଥମ ପ୍ରକାଶନର ଶତବାର୍ଷିକୀ ସ୍ମାରକୀ ସଙ୍କଳନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବାର୍ତ୍ତା ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଆରମ୍ଭ ହେଲା ଦସ୍ତଖତ ଅଭିଯାନ, ସେଲ୍ଫି ପଏଣ୍ଟ

କଟକ,୯।୮ (କାର୍ତ୍ତିକ ସାହୁ)

ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି। ଏହି ଲକ୍ଷ୍ୟ ହାସଲ ନିମନ୍ତେ ରାଜ୍ୟ ସରକାର ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ସହ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଅଂଶସ୍ୱରୂପ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦସ୍ତଖତ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ୍ ପ୍ରଥମେ ଦସ୍ତଖତ କରି ଅଭିଯାନର ଶୁଭାରମ୍ଭ କରିଛନ୍ତି। ପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରାଜ ନାୟକ, ଆସିଷ୍ଟାଣ୍ଟ

## ଘରେ ଘରେ ତ୍ରିରଙ୍ଗା ଅଭିଯାନ

କଲେକ୍ଟର ସୁଶ୍ରୀ ସୌମ୍ୟା ଶତଭିଷା, ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ମିଶନ୍ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡ଼ା, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ ହୋଇଛି। ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅଧୀନରେ କଟକ ଜିଲାରେ ଭାରତୀୟଙ୍କ ସ୍ୱାଭିମାନ ଓ ସମ୍ମାନର ପ୍ରତୀକ ତ୍ରିରଙ୍ଗା ପତାକାକୁ ଗର୍ବର ସହ ଉଡ଼ାଇବାକୁ ଶପଥ ଗ୍ରହଣ କାର୍ଯ୍ୟକ୍ରମ, ଶୋଭାଯାତ୍ରା, କନସର୍ଟ, ପୂଜ୍ୟପୂଜା ଓ ବିଭିନ୍ନ ପ୍ରତିଯୋଗିତା, ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯିବାକୁ ସ୍ଥିର ହୋଇଛି।

# ରାସ୍ତାରେ ପାଣି, ଯାତାୟାତରେ ସମସ୍ୟା



କଟକ,୯।୮ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ୫୭ ନମ୍ବର ୱାର୍ଡ ଅନ୍ତର୍ଗତ ଶ୍ରୀକୋରୁଆଁ ଗୋପାଳପୁର ମା' ଅମ୍ବିକା ପୀଠଠାରୁ ମହାବୀର ମନ୍ଦିର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଜମୁଛି। ଏଥିଯୋଗୁ ପଥଚାରୀଙ୍କଠାରୁ ଆରମ୍ଭ କରି ସାଇକେଲ ଓ ବାଇକ ଆରୋହୀ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖରାପ ଯୋଗୁ ଛୋଟ ପିଲାମାନେ ସ୍କୁଲକୁ ଯିବାଆସିବା କରିବା ପାଇଁ ଅରାଜି ହେଉଥିବାବେଳେ ବୃଦ୍ଧାବୃଦ୍ଧ ସୁରକ୍ଷିତ ମନେ କରୁନାହାନ୍ତି।

## ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ

ଏ ସମ୍ପର୍କରେ ଗ୍ରାମର ମହାବୀର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପ୍ରଶାସନଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଅଭିଯୋଗ କରାଯାଇଥିବା ସଭାପତି ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ପରିଷଦ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।




୨୬ ଦଫା ଦାବି ନେଇ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ।

### ମାରଣାସ୍ତ୍ର ଦେଖାଇ ବିଦ୍ୟୁତ୍ ସରଞ୍ଜାମ ଲୁଟ୍

**କଣ୍ଟାପଡା, ୯।୮(ସୁରନାରାୟଣ ସାହୁ):** ଗୋବିନ୍ଦପୁର ଥାନା ଅନ୍ତର୍ଗତ କଜଳପୁର ବିଦ୍ୟୁତ୍ ସେକ୍ସନ ଅଫିସ ପରିସରରୁ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ସରଞ୍ଜାମ ଲୁଟ୍ ହୋଇଛି। ଗୁରୁବାର ରାତିରେ ପ୍ରାୟ ୧୫ଜଣ ଦୁର୍ବୃତ୍ତ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଆସି କଜଳପୁର ବିଦ୍ୟୁତ୍ ସେକ୍ସନ ଅଫିସରେ ପହଞ୍ଚିଥିଲେ। ସେଠାରେ ଡ୍ୟୁଟିରେ ଥିବା ୨ଜଣ କର୍ମଚାରୀଙ୍କୁ ସେମାନେ ବନ୍ଧୁକ ଦେଖାଇବା ସହ ଗାମୁଛାରେ ହାତଗୋଡ ବାନ୍ଧି ତଳେ ପକାଇ ଦେଇଥିଲେ। ପରେ ସରଞ୍ଜାମ ଲୁଟ୍ କରି ଗାଡିରେ ନେଇ ଫେରାର ହୋଇଯାଇଥିଲେ। ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଜନ୍ମେଜୟ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୦୬/୨୪) ରୁଜୁ କରିଛି।

### ବିଶ୍ୱ ଆଦିବାସୀ ଦିବସ ପାଳିତ

ମଙ୍ଗୁଳି-ଜଗତପୁର, ୯।୮(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତସ୍ଥିତ ବେଲପଡ଼ିଆଠାରେ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ସୈନିକ ହେମେନ୍ଦ୍ର ସିଂଙ୍କୁ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ-ସାଲେପୁର ଭାଜପା ସଙ୍ଗଠକ ହିମାଂଶୁ ମହାନ୍ତି ଯୋଗଦେଇ ଦେଶର ସମସ୍ତ ଜନଜାତି ସମ୍ପ୍ରଦାୟର ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ହେମେନ୍ଦ୍ର ସିଂଙ୍କୁ, ଆକାଶ ପାତ୍ର, କୃଷ୍ଣଚନ୍ଦ୍ର ସାମଲ, ଚନ୍ଦ୍ରମଣି ଚାତାର, ରାଜେନ୍ଦ୍ର ଗାଗରାଇ, ଦେବବର ହେମ୍ବ୍ରମ, ଗାମନ କାଡ଼ା, ଶୁକଦେବ ସିଂଙ୍କୁ, ଦୟାନିଧି ନାୟକ, ଶଶିକାନ୍ତ ମହାନ୍ତିଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ ।

# ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଫୁଲନଖରା,୯।୮(ସତ୍ୟରଞ୍ଜନ ଦାସମହାପାତ୍ର)

ନିଆଳି-ମାଧବ ରାସ୍ତାର ବ୍ରାହ୍ମଣଝରିଲୋ ହାଇସ୍କୁଲ ନିକଟରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ସମ୍ ହସ୍ପିଟାଲର ସ୍ନାୟୁରୋଗ ବିଶେଷଜ୍ଞ ଡା. ରାଜେଶ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ, ବାବାଜୀ ଚରଣ ମହାନ୍ତି, ଶିକ୍ଷକ ଶରତ ଚନ୍ଦ୍ର ବାରିକ, ମନୋରଞ୍ଜନ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି କେନ୍ଦ୍ର ଖୋଲିବା ଫଳରେ ବ୍ରାହ୍ମଣଝରିଲୋ, ରାୟପୁର, ବାରିଜିପାଟଣା, ବାଲିସାହି, କୁରାଙ୍ଗପ୍ରଧାନ, ମନ୍ଦାରିଆ, ଜୟରଶାସନ, କୁରୁଣ୍ଟି, କୋଠାପାଟଣା, କୁଶକଣ୍ଠା ଆଦି ଗ୍ରାମର ଜନସାଧାରଣ କମ୍ ମୂଲ୍ୟରେ ଉଚ୍ଚ ଗୁଣବତ୍ତା ଯୁକ୍ତ ଔଷଧ ପାଇପାରିବେ। ଏହି କେନ୍ଦ୍ରରେ ଅଭିଜ୍ଞ ଡାକ୍ତରଙ୍କ ଜରିଆରେ ରୋଗର ନିରାକରଣ ପାଇଁ ପରାମର୍ଶ ଦିଆଯିବାର ବ୍ୟବସ୍ଥା ରହିଛି। ବିକାଶ ସାହୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଆଦିବାସୀ ସଂସ୍କୃତିରେ ରହିଛି ଜୀବନର ମୂଲ୍ୟବୋଧ'

କଟକ,୯।୮ (କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ଆଦିବାସୀ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଜାତୀୟ ସେବା ଯୋଜନା ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ଆଦିବାସୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏକ ଉତ୍ସବ ମୁଖର ପରିବେଶ ଭିତରେ ବହୁସଂଖ୍ୟକ ଆଦିବାସୀ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଯୋଗଦେଇ ଆକର୍ଷକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ଆଦିବାସୀ ସମୁଦାୟଙ୍କର କେସ୍ ଷ୍ଟଡି ପୋଷ୍ଟର ପ୍ରଦର୍ଶନ, ଆଦିବାସୀ ଜୀବନ ସମ୍ବନ୍ଧିତ ଡକ୍ୟୁମେଣ୍ଟାରୀ ଉପସ୍ଥାପନ, ଆଦିବାସୀ ଲୋକନୃତ୍ୟ ଏବଂ ଆଦିବାସୀ ରାମ୍ପ ପ୍ରଦର୍ଶନ କରିଥିଲେ। ସାଦ୍ରି, ସାନ୍ତାଳୀ, କନ୍ଧ, ହୋ ଏବଂ ଅନ୍ୟ ଆଦିବାସୀ ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ହୋଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଯୋଗଦେଇ କହିଛନ୍ତି, ଆଦିବାସୀ ସଂସ୍କୃତିରେ ରହିଛି ଜୀବନର ମୂଲ୍ୟବୋଧ। କୁଳସଚିବ କାହ୍ନୁ ଚରଣ ମଲ୍ଲିକ ଆଦିବାସୀ

## ବିଶ୍ୱ ଆଦିବାସୀ ଦିବସ

ଜୀବନରେ ପ୍ରାକୃତିକତା ଏବଂ ନୈସର୍ଗିକତା ଭରି ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଇଞ୍ଜିନିୟର ସୁଦର୍ଶନ ହେମ୍ବ୍ରମ ଆଦିବାସୀଙ୍କ ଅସ୍ମିତା ବଜାୟ ରଖିବାକୁ ଆଦିବାସୀ ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିଥିଲେ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଏମ୍.ଜି. ବାଗେ ସାମାଜିକ ଜୀବନରେ ଆଦିବାସୀ ମହିଳାଙ୍କ ଯୋଗଦାନ, ଶିକ୍ଷା, ଜମି, ଜଳ, ଜଙ୍ଗଲ ଉପରେ ଥିବା ଅଧିକାରର ପ୍ରତିଷ୍ଠା ସହ ଆଗାମୀ ଦିନରେ ଆଦିବାସୀ ଜୀବନ ଓ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବି.ସି. ଦାସ ସ୍ୱାଗତ ଭାଷଣ, ପ୍ରୋଗ୍ରାମ ଅଫିସର ଡ. କାଶ୍ମୀରା ମୁର୍ମୁ ଅତିଥି ପରିଚୟ, ଶ୍ୟାମସୁନ୍ଦର ହେମ୍ବ୍ରମ ଧନ୍ୟବାଦ ଦେଇଥିଲେ। ଅନ୍ୟ ପ୍ରୋଗ୍ରାମ ଅଫିସର ଡ. ଶିବଶଙ୍କର ସାହୁ, ଡ. ସରୋଜ ସିଂହ, ଡ. ସୁଶାନ୍ତ ମିଶ୍ର, ଡ. ଈଶ୍ୱର ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ।



ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ କ୍ୟାମ୍ପୋରିର ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କଠାରୁ ଛାତ୍ରୀଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।




ସିଡିଏ କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ସଭାଗୃହରେ କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ଦ୍ୱାରା କେନ୍ଦ୍ରୀୟ ବଜେଟ୍ ଓ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ବି.ଆର୍. ଷଡ଼ଙ୍ଗୀ ଓ ଅନ୍ୟମାନେ।

# 'ହିତାଧିକାରୀଙ୍କ ପାଖରେ ପ୍ରତ୍ୟେକ ଯୋଜନା ପହଞ୍ଚୁ'

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ପୁରୀ,୯।୮ (ଅଜିତ କୁମାର ମହାନ୍ତି)

ପୁରୀ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶୁକ୍ରବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଅଧ୍ୟକ୍ଷତା କରି କହିଥିଲେ, ସମସ୍ତ ଯୋଜନା ଜନକଲ୍ୟାଣ ଉଦ୍ଦେଶ୍ୟରେ କରାଯାଇଥାଏ। ପ୍ରତ୍ୟେକ ଯୋଜନା ଯେପରି ଠିକ ଭାବେ ହିତାଧିକାରୀଙ୍କ ନିକଟରେ ପହଞ୍ଚେ ଓ କେହି ଏଥିରୁ ବଞ୍ଚିତ ନ ହୁଅନ୍ତି ଏହାକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ତେଣୁ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ ପୂର୍ତ୍ତ ବିଭାଗର ଅବଢ଼ା ଯୋଜନାରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ, ରାସ୍ତା ଓ କୋଠାବାଡ଼ିର ଉନ୍ନତୀକରଣ, ମୁଖ୍ୟମନ୍ତ୍ରୀ ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ



ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅଧିକାରୀମାନେ।

ସଡ଼କ ଯୋଜନା, ସେତୁବନ୍ଧ ଯୋଜନା, ଜଳସମ୍ପଦ ବିଭାଗର ନାବାର୍ଡ ଦ୍ୱାରା ପରିଚାଳିତ ବିଭାଗ ଯୋଜନା ଓ ପ୍ରକଳ୍ପ, କେନାଲ ମରାମତି ଓ ସୁଦୃଢ଼ୀକରଣ, ନଦୀବନ୍ଧ ସୁଦୃଢ଼ୀକରଣ, ଡ୍ରେନେଜ ବ୍ୟବସ୍ଥାରେ ଉନ୍ନତି, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ବସୁଧା, ଜଳ ଜୀବିକା ମିଶନ, ହର ଘର ଜଳ ଯୋଜନା ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ସେହିପରି ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଯୋଜନା, କୃଷି ବିଭାଗର ଇଣ୍ଟିଗ୍ରେଟେଡ ଫାର୍ମିଂ, ଓଡ଼ିଶା ମିଲେଟ ମିଶନ ଯୋଜନା, ପ୍ରାଣୀସମ୍ପଦ, ମତ୍ସ୍ୟ, ଉଦ୍ୟାନ ବିଭାଗର ବିବିଧ ଯୋଜନା, ନଗର ଉନ୍ନୟନ ବିଭାଗର ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟକାରୀ ବିବିଧ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପିଏମ୍ ପୋଷଣ, ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନା, ସାମାଜିକ କଲ୍ୟାଣ ବିଭାଗର ବିବିଧ ଭତ୍ତା ଓ ଜାତୀୟ ପରିବାର କଲ୍ୟାଣ ଯୋଜନା, ସ୍ୱାସ୍ଥ୍ୟ,ଶିକ୍ଷା, ଶ୍ରମ, କର୍ମ ନିଯୁକ୍ତି, ଶିଳ୍ପ, ହସ୍ତତନ୍ତ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମୀକ୍ଷା କରିଥିଲେ। ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଶ୍ୱରଞ୍ଜନ ରଥ, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗ ଦେଇଥିଲେ। ଜିଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁ ବୈଠକ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱଗତ କରିଥିଲେ। ବୈଠକରେ ଯୋଜନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ, ସମସ୍ତ ବିଡିଓ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲାପାଳ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଯୋରରେ ପଶିଲା କାର୍ ୩ ଜଣଙ୍କୁ ଉଦ୍ଧାର କଲେ ୩ ଯୁବକ



ଗୋପ,୯।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଭାରସାମ୍ୟ ହରାଇ ଯୋରରେ ପଶିଯାଇଥିବା ଏକ କାର୍‌ରୁ ଗୋପ କୁସୁପୁର ଅଞ୍ଚଳର ଦମ୍ପତି ଓ ଚାଳକଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର ବିଳମ୍ବିତ ରାତ୍ରରେ ପାଣି ଭିତରେ ଇଣ୍ଡିକେଟର ଜଳୁଥିବା ଦେଖି ୪/୫ ଫୁଟ ପାଣି ଭିତରେ ପଶିଯାଇ ୩ଜଣ ଯୁବକ ଦମ୍ପତିଙ୍କୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ, ବିଳମ୍ବିତ ରାତ୍ରରେ କୁସୁପୁର ଗ୍ରାମର ରବୀନ୍ଦ୍ର ପାଇକରାୟ, ସ୍ତ୍ରୀ ଶୈଳବାଳା ପାଇକରାୟ ଏକ କାର୍ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଘର ମାତ୍ର ଗୋଟିଏ କିଲୋମିଟର ଥିବାବେଳେ ଗୋପ- ନିମାପଡ଼ା ରାସ୍ତାର ବିଶରପୁର ନିକଟସ୍ଥ ରାସ୍ତା କଡ଼ରେ ଥିବା ଏକ ଜୋର ମଧ୍ୟକୁ ଭାରସାମ୍ୟ ହରାଇ କାର୍‌ଟି ପଶିଯାଇଥିଲା। ଚାଳକ ସମେତ ଏହି ଦମ୍ପତି ୪/୫ ଫୁଟ ପାଣି ମଧ୍ୟରେ ପଡ଼ିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ୩ଜଣ ଯୁବକ ବାଇକ୍ ଯୋଗେ ନିମାପଡ଼ା ଯାଉଥିଲେ। ପାଣି ମଧ୍ୟରେ ଗାଡ଼ି ଇଣ୍ଡିକେଟର ଜଳୁଥିବା ଦେଖି ତୁରନ୍ତ ପାଣିରେ ପଶି ଚାଳକ ସମେତ ଦମ୍ପତିଙ୍କୁ ଉଦ୍ଧାର କରିଥିଲେ। ପରେ ସମସ୍ତଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଦମ୍ପତି ଭୁବନେଶ୍ୱର ଯାଇଥିବା ଜଣାପଡିଛି। ସମ୍ପୃକ୍ତ ଯୁବକମାନଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିଟି ପାଣିରେ ବୁଡି ରହିଛି। ଏ ସମ୍ପର୍କରେ ଗୋପ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ବନ୍ଧୁ ଘରୁ ଚୋରି କରି ଯୁବକ ଗିରଫ

ଭୁବନେଶ୍ୱର,୯।୮ (ସତ୍ୟଜିତ୍ ରାଉତ)

ବିଶ୍ୱାସରେ ବିଷ ଭରିଲେ ବନ୍ଧୁ। ବନ୍ଧୁଙ୍କ ଘରୁ ଚୋରି କଲେ। ଅଭିଯୋଗ ପରେ ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଡୁମୁଡୁମା ହାଉସିଂବୋର୍ଡ କଲୋନି ଫେଜ୍-୨ର ସନ୍ଦୀପ ଦାସ (୩୧)। ତାଙ୍କଠାରୁ ଚୋରି ହୋଇଥିବା ୧୬୦ ଗ୍ରାମ୍‌ର ବିଭିନ୍ନ ସୁନା ଅଳଙ୍କାର ଓ ୨୩ ଗ୍ରାମ୍‌ର ରୁପା ଅଳଙ୍କାର ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଜିତ୍ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଡୁମୁଡୁମା ଫେଜ୍-୧ ହାଉସିଂ ବୋର୍ଡ କଲୋନିରେ ରହୁଥିବା ଅଭିଜିତ ବେହେରାଙ୍କ ଘରକୁ ଅଭିଯୁକ୍ତ ସନ୍ଦୀପ ପ୍ରାୟ ସମୟରେ ଆସନ୍ତି। ଅଭିଜିତ୍ ଘର ତାଲା ଦେବା ପରେ ବାହାରେ ଯେଉଁଠି ଚାବି ରଖନ୍ତି ତାହା ଜାଣିଥିଲେ ସନ୍ଦୀପ। ସୋମବାର ସକାଳ ପ୍ରାୟ ୬ଟା ୩୦ରେ ଅଭିଜିତ ପରିବାର ସହ ଲିଙ୍ଗରାଜ ମନ୍ଦିରକୁ ଯାଇଥିଲେ। ଏହି ସମୟରେ ସନ୍ଦୀପ ଚାବି ଖୋଲି ଆଲ୍‌ମିରାରୁ ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଥିଲେ।



ବିଭିନ୍ନ ଦାବିନେଇ ସଂଯୁକ୍ତ କୃଷକ ମୋର୍ଚ୍ଚା ପୁରୀ ଜିଲା ସମନ୍ୱୟ ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୋଭାଯାତ୍ରା ।

# ମହିଳା ମହାସଂଘ ବୈଠକରେ ୱାର୍ଡସଭ୍ୟାଙ୍କୁ ଆକ୍ରମଣ

ବଳଙ୍ଗା,୯।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ପଞ୍ଚାୟତର ରାଜୀବ ଭବନରେ ଶୁକ୍ରବାର ମହିଳା ମହାସଂଘର ଦୁର୍ନୀତି ଅଭିଯୋଗ ନେଇ ତଦନ୍ତ ଚାଲିଥିବାବେଳେ ଅଭିଯୋଗକାରୀ ମହିଳାମାନଙ୍କୁ ଗାଳିଗୁଲଜ ସହ ଜଣେ ୱାର୍ଡସଭ୍ୟାଙ୍କୁ ଆକ୍ରମଣ କରାଯାଇଛି। ଏ ନେଇ ସମ୍ପୃକ୍ତ ମହିଳାଙ୍କ ସମେତ ଅନ୍ୟ ସଦସ୍ୟାମାନେ ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଅଭିଯୋଗର ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ମହାସଂଘର କାର୍ଯ୍ୟ ଓ ଅନୁଦାନ ସମ୍ପର୍କରେ କାହାରିକୁ ସୂଚନା ନ ଦେବା ନେଇ ବିଭିନ୍ନ ଗ୍ରୁପ୍‌ର ମହିଳାମାନେ ଗତ ୨ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ବିଡିଓଙ୍କ ନିକଟରେ ଅଭିଯୋଗ ଆଣି ତଦନ୍ତ ଦାବି କରିଥିଲେ। ଏହି ଅଭିଯୋଗର ତଦନ୍ତ ପାଇଁ ଶୁକ୍ରବାର ରାଜୀବ ଭବନରେ ବ୍ଲକର ବିପିଏମ୍ ଆସି ପହଞ୍ଚିଥିଲେ। ମହାସଂଘର ବୈଠକ ଓ ତଦନ୍ତ ଚାଲିଥିବାବେଳେ ସଭାନେତ୍ରୀଙ୍କ ଇଙ୍ଗିତରେ ଗୋଡ଼ିମାଳ ଗ୍ରାମର କାଶୀନାଥ ଜେନା ନାମକ ଯୁବକ ଘଟଣାସ୍ଥଳକୁ ଯାଇ ଅଭିଯୋଗକାରିଣୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବୋମା ପକାଇ ସମସ୍ତଙ୍କୁ ଉଡ଼ାଇ ଦେବି ବୋଲି ଧମକ ଦେଇଥିଲା। ୱାର୍ଡସଭ୍ୟା ଇତିଶ୍ରୀ ମହାନ୍ତି ପ୍ରତିବାଦ କରିବାରୁ କାଶୀନାଥ ତାଙ୍କୁ ଆକ୍ରମଣ କରିଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅପରପକ୍ଷରେ ମହାସଂଘ ବୈଠକ ଚାଲିଥିବାବେଳେ ଇତିଶ୍ରୀ ଏବଂ ଅନ୍ୟ ମହିଳାମାନେ ଗୃହରେ ପଶି ମହାସଂଘର କାଗଜପତ୍ର ଛଡ଼ାଇ ଚିରିବା ସହ ଗାଳିଗୁଲଜ କରିଥିଲେ ବୋଲି ସଦସ୍ୟା ସବିତା ଜେନା ଥାନାରେ ପାଲଟା ଅଭିଯୋଗ କରିଛନ୍ତି।

# ରାଷ୍ଟ୍ରୀୟ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ



ଅସ୍ତରଙ୍ଗ,୯।୮ (ମମତା ଜେନା)

କାକଟପୁର ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ସ୍ଥାନୀୟ କୁଆଁମଚଣ୍ଡୀ ପୀଠରେ ପାଳିତ ହୋଇଯାଇଛି। ଏହି ଅବସରରେ ଯୁବନେତା କ୍ଷୀରୋଦ ଭୋଇଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତପନ କୁମାର କାଣ୍ଡି ଯୋଗଦେଇଥିଲେ। ପାର୍ଥସାରଥି ଖୁଣ୍ଟିଆ, ଲକ୍ଷ୍ମୀନାରାୟଣ ଦୀକ୍ଷିତ, ସୁକେଶ ସ୍ୱାଇଁ, ସଚିନ କାଣ୍ଡି, ତପନ ରଞ୍ଜନ ଦାସ, ବଦ୍ରିନାରାୟଣ ସେନାପତି, ମାନସ କାଣ୍ଡି, ରିତେଶ, ଚନ୍ଦନ, ସଂଗ୍ରାମ ପ୍ରମୁଖ ଉପସ୍ଥିତ ଥିଲେ। ପୀଠ ପରିସରରେ ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯାଇଥିଲା।

### ରାସ୍ତା ନିର୍ମାଣକୁ କେନ୍ଦ୍ରକରି ଆକ୍ରମଣ

ବଳଙ୍ଗା,୯।୮ (କେଦାରେଶ୍ୱର ନନ୍ଦ)

ରାସ୍ତା ନିର୍ମାଣକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ବ୍ରାହ୍ମଣ ଚାନ୍ଦପୁର ଗ୍ରାମରେ ଜଣେ ମହିଳାଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ଅଭିଯୋଗ ମୁତାବକ, ବ୍ରାହ୍ମଣଚାନ୍ଦପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ବନିତା ପ୍ରଧାନ (୩୭)ଙ୍କ ଘର ଆଗରେ ରାସ୍ତା କାମ ଚାଲିଥିଲା। ଏହି ସମୟରେ ଠିକାଦାର ବନିତାଙ୍କ ଘର ଆଗରେ ତାଙ୍କର କେତେକ ପଥର ରହିଥିବାରୁ କାଢ଼ିବାକୁ କହିଥିଲେ। ଶୁକ୍ରବାର ବନିତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ସେହି ଗ୍ରାମର ଭଗବାନ ସ୍ୱାଇଁ ଓ ତାଙ୍କ ଶଳା ଜାକା ପ୍ରଧାନ ବନିତାଙ୍କ ଘରେ କିଛି ନ ଜଣାଇ ପଥର କାଢିଦେବା ସହ ଉକ୍ତ ସ୍ଥାନକୁ ଅଧିକ ଖୋଳି ଦେଇଥିଲେ। ବନିତା ପ୍ରତିବାଦ କରିବାରୁ ତାଙ୍କୁ ଭଗବାନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଶାଳରେ ଆକ୍ରମଣ କରିଥିଲେ। ବନିତାଙ୍କ ବାମପଟ ଗୋଡ଼ରେ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା। ବନିତା ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିବାରୁ ଶ୍ରମିକମାନେ ପହଞ୍ଚିଥିଲେ। ଫଳରେ ଭଗବାନ ସେଠାରୁ ଦୌଡ଼ି ପଳାଇଥିଲେ। ପରେ ବନିତାଙ୍କୁ ଚିକିତ୍ସା ପାଇଁ ପୁଅ ଏକ ଆମ୍ବୁଲାନ୍ସରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

# ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ସଂହତି ଦିବସ ପାଳିତ



ବଳଙ୍ଗା,୯।୮ (କେଦାରେଶ୍ୱର ନନ୍ଦ)

ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଶୁକ୍ରବାର ବଳଙ୍ଗା ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ସଂହତି ଦିବସ ପାଳନ କରାଯାଇଛି। ସଭାପତି ପ୍ରମୋଦ କୁମାର ସାହୁ ସଂଘର ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ପ୍ରମୋଦ କୁମାର ସାହୁ, ସନ୍ତୋଷ ପୃଷ୍ଟି, ରମେଶ ସାହୁ, କୈଳାସ ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ, କାଳୁ ସାହୁ, ପ୍ରସନ୍ନ ସାହୁ, ନାରାୟଣ ସାହୁ, ବିରଞ୍ଚି ନାରାୟଣ ଦାସ ପ୍ରମୁଖ କର୍ମକର୍ତ୍ତା ଓ କାରିଗରମାନେ ଯୋଗଦେଇ ଏକତା ବଜାୟ ରଖିବା ନିମନ୍ତେ ଶପଥ ପାଠ କରିଥିଲେ। ସ୍ୱର୍ଣ୍ଣ ନିୟନ୍ତ୍ରଣ ଆଇନ ପ୍ରତିବାଦରେ ଏହି ଦିବସ ପାଳିତ ହୋଇଆସୁଛି। ଶୁକ୍ରବାର ସମସ୍ତ ସୁନା ରୁପା ଦୋକାନ ବନ୍ଦ ରହିଥିବା ବେଳେ କାରିଗରମାନେ କାମ ବନ୍ଦ ରଖିଥିଲେ। ସରକାରୀ ପ୍ରୋତ୍ସାହନ ସହିତ ବରିଷ୍ଠ କାରିଗରମାନଙ୍କୁ ଭତ୍ତା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

# ଗଦାଧରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ

କଣାସ,୯।୮ (ବିଭୂତି ଭୂଷଣ ତ୍ରିପାଠୀ)

- ୬ଦିନ ହେଲା ନିଖୋଜ ଥିଲେ
- ମକରା ନଦୀରୁ ମିଳିଲା ମୃତଦେହ

କଣାସ ବ୍ଲକରେ ପ୍ରବାହିତ ହେଉଥିବା ମକରା ନଦୀରେ ଏକ ମୃତଦେହ ଭାସୁଥିବା ଗୁରୁବାର ସନ୍ଧ୍ୟାରେ ଦୋଛିଆଁ ଗ୍ରାମବାସୀ ଦେଖି ଗଡ଼ିଶାଗୋଦା ଥାନାକୁ ଖବର ଦେଇଥିଲେ। ନଦୀ ନିକଟରେ ଗଡ଼ିଶାଗୋଦା ପୋଲିସ ପହଞ୍ଚିବା ବେଳକୁ ଅନ୍ଧାର ହୋଇଯାଇଥିବାରୁ ମୃତଦେହକୁ ଜବତ କରି ନଦୀ କୂଳରେ ରଖିଥିଲା। ଶୁକ୍ରବାର ସକାଳେ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ସହ ଘଟଣାସ୍ଥଳକୁ ଯାଇ ମୃତଦେହ ପରୀକ୍ଷା କରିଥିଲେ। ନିଖୋଜ ଥିବା ଡେଲାଙ୍ଗ ଥାନା ସାଉରିଆ ପଞ୍ଚାୟତର ଗଦାଧର ନିଶଙ୍କ(୫୫)ଙ୍କ ପରିବାର ପହଞ୍ଚି ମୃତଦେହଟି ଗଦାଧରଙ୍କ ବୋଲି ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗଦାଧର ଗତ ୩ତାରିଖ ସନ୍ଧ୍ୟାରେ କୁଆପଦା ଗ୍ରାମରୁ ବାହାରି ଖୋର୍ଦ୍ଧାର ଗୁରୁଜଙ୍ଗ ଯାଉଛି ବୋଲି କହି ମୋଟରସାଇକେଲ୍ (ନଂ- ଓଆର୍‌୦୨- ବିଏସ୍ ୪୯୭୧) ଯୋଗେ ଗୁରୁଜଙ୍ଗର ଜଣେ ମହିଳା ପି. ପ୍ରଧାନଙ୍କ ପାଖକୁ ଯାଇଥିଲେ। ଘରକୁ ନ ଫେରିବାରୁ ୪ତାରିଖ ସକାଳୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହି ଦିନ ମଧ୍ୟାହ୍ନ ୧୨ଟାରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରୁ ଫୋନ୍ ଆସିଥିଲା ଯେ, ଗଦାଧରଙ୍କ ବାଇକ୍ ଓ ଫୋନ୍ ଏକ କମ୍ପାନୀ ନିକଟ ଖଣିରେ ପଡ଼ିରହିଛି। ଝିଅ ସସ୍ମିତା ନିଶଙ୍କ ସେଠାକୁ ଯାଇ ବାଇକ ଓ ଫୋନ୍ ଚିହ୍ନଟ କରିବା ପରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ପିତାଙ୍କ ନିଖୋଜ ନେଇ ଏତଲା ଦେଇଥିଲେ। ଏ ନେଇ ଏକ ମିସ୍ କେସ୍ କରାଯାଇଥିଲା। ୬ଦିନ ପରେ ଗୁରୁବାର ମୃତଦେହ ଆସି ଦୋଛିଆଁ ନିକଟରେ ଲାଗିଥିବାବେଳେ ଶୁକ୍ରବାର ସକାଳୁ ପୋଲିସ୍ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲା। ଗଦାଧରଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ପରେ ସେମାନେ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଇଥିବା ଜଣାପଡ଼ିଛି। ଏ ନେଇ ପୋଲିସ୍ ପକ୍ଷରୁ ୪/୨୦୨୪ରେ ଏକ ମକଦମା ରୁଜୁ ହୋଇଛି। ଗଦାଧରଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଶବ ଦାହ ପରେ ଲିଖିତ ଅଭିଯୋଗ କରିବେ ବୋଲି ସେମାନେ କହିଛନ୍ତି।

# ଆଜିଠୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଥ୍ରୋ-ବଲ୍ ପ୍ରିମିୟର ଲିଗ୍

ପୁରୀ,୯।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଥ୍ରୋ-ବଲ୍ ଆସୋସିଏଶନ୍ ପକ୍ଷରୁ ପୁରୀରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଥ୍ରୋ-ବଲ୍ ପ୍ରିମିଅର୍ ଲିଗ୍ ଓ ବାସନ୍ତୀ ବିଶ୍ୱାଳ ମେମୋରିଆଲ୍ ଦିବାରାତ୍ର ମ୍ୟାଚ୍ ୧୦ ଓ ୧୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଆସୋସିଏଶନ୍ କର୍ମକର୍ତ୍ତା କହିଛନ୍ତି, ଶନିବାର ସନ୍ଧ୍ୟାରେ ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବ ଗୁଣ୍ଡିଚା ମନ୍ଦିର ପଛପାଖ ଇନ୍ଦ୍ରଦ୍ୟୁମ୍ନ ପୋଖରୀ କୂଳରେ ଥିବା ମହାଭୈରବ ପୀଠ ପ୍ରାଙ୍ଗଣସ୍ଥିତ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ପ୍ରିମିୟର୍ ଲିଗ୍ ମ୍ୟାଚ୍‌ରେ ଓଡ଼ିଶାର କୋଣ ଅନୁକୋଣରୁ ରାଜ୍ୟ ଓ ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିବା ଖେଳାଳୀମାନେ ଅଂଶଗ୍ରହଣ କରିବେ। ବଛା ବଛା ଖେଳାଳୀମାନଙ୍କୁ ନେଇ ମହିଳା ବିଭାଗରେ ୫ଟି ଦଳ ଓ ପୁରୁଷ ବିଭାଗରେ ୫ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ମାରୁତି ସେନା ଓଡ଼ିଶାର ସମ୍ପାଦକ ସତ୍ୟନାରାୟଣ ଦଳ ବେହେରା, ଜିଲା ଥ୍ରୋ ବଲ୍ ସଂଘ ସମ୍ପାଦକ ଦୀପ୍ତି ରଞ୍ଜନ ସାମନ୍ତରାୟ, ମାରୁତି ସେନା ଜିଲା ସମ୍ପାଦକ ବଳରାମ ବାରିକ, ଓଡ଼ିଶା ଥ୍ରୋ ବଲ୍ କୋଚ୍ ଏସ୍. ଜଗା ରେଡ୍ଡୀ ଙ୍କ ସହ ବାହାର ଜିଲାରୁ ଆସିଥିବା ଅଫିସିଆଲ୍ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ରବିବାର ସନ୍ଧ୍ୟାରେ ଖେଳ ପଡ଼ିଆ ପ୍ରାଙ୍ଗଣରେ ବିଜୟୀ ଦଳକୁ ପୁରସ୍କାର ବିତରଣ ସହ ଉଦ୍‌ଯାପନୀ ଉତ୍ସବ ପାଳନ ହେବ ବୋଲି ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ସମ୍ପାଦକ ଦାସ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଜର୍ସି ଓ ଟ୍ରଫି ପ୍ରଦର୍ଶନ କରାଯାଇଛି ।

# 'ଯୁଦ୍ଧ ନୁହେଁ ଶାନ୍ତି ହିଁ ଜୀବନ'



ଆଲୋଚନାରେ ଯୋଗଦେଇଥିବା ଅତିଥି ।

ପୁରୀ,୯।୮ (ଅଜିତ କୁମାର ମହାନ୍ତି)

ଅଗଷ୍ଟ ୯ କ୍ରାନ୍ତି ଦିବସ, ନାଗାସାକି ଦିବସ ଏବଂ ବିଶ୍ୱ ଆଦିବାସୀ ଦିବସ ଅବସରରେ ଶୁକ୍ରବାର ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'ଯୁଦ୍ଧ ନୁହେଁ ଶାନ୍ତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ଅଧ୍ୟାପକ ଡ. ବଳରାମ ଦାଶଙ୍କ ସଭାପତିତ୍ୱରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଆଜି ଦିବସର ମାହାତ୍ମ୍ୟ ଓ ସ୍ୱର୍ଗତ କ୍ରାନ୍ତିବୀରମାନଙ୍କ ସ୍ମୃତିଚାରଣ ସହ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ରୂପେ ଅଧ୍ୟକ୍ଷା ଡ. ମୀରାରାଣୀ ଖଣ୍ଡୁଆଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସେବା ହିଁ ଶାନ୍ତିର ମାର୍ଗ ଓ ଯୁଦ୍ଧକୁ ପରିହାର କରି ବିଶ୍ୱ ଶାନ୍ତି ପାଇଁ ଆମପରି ସେବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ କ୍ରାନ୍ତିଦର୍ଶୀ ସାହିତ୍ୟର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଯୋଗଦେଇ କ୍ରାନ୍ତି ଆନ୍ଦୋଳନ ଓ ନାଗାସାକିରେ ପରମାଣୁ ବୋମାର ଭୟଭୟତା ସମ୍ପର୍କରେ ଆଲୋଚନା କରି ସହନଶୀଳତାହିଁ ଏକମାତ୍ର ପନ୍ଥା ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ରଘୁନାଥ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ର, ଅଧ୍ୟାପକ ଦୟାନିଧି ପଣ୍ଡା, ଡ. ଶଶୀକାନ୍ତ ରଥ ଯୋଗଦେଇ ଜାତୀୟ ସେବା ଯୋଜନାର ଉନ୍ନତି କାମନା ସହ ଶାନ୍ତି, ପ୍ରୀତି, ମୈତ୍ରୀ ଓ ସଦ୍‌ଭାବନା ହିଁ ଯୁଦ୍ଧ ଦୂର କରି ଶାନ୍ତି ପ୍ରତିଷ୍ଠା କରିପାରିବ ଏବଂ ଆଦିବାସୀ ହିଁ ଏଥିରେ ପ୍ରମୁଖ ସେବକ ରୂପେ ଜାତୀୟ ସ୍ରୋତରେ ସାମିଲ ହୋଇ ଶାନ୍ତିର ମାର୍ଗଦର୍ଶକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଭୂତି ଭୂଷଣ ପ୍ରଧାନ ଓ ସରୋଜ କୁମାର କାଠୁଆ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ଶ୍ରୀନିବାସ ସାହୁ ଧନ୍ୟବାଦ ଦେଇଥିଲେ। ଜାତୀୟ ସେବା ଯୋଜନାର ସେବକ ଓ ସେବିକାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦେଶଭକ୍ତି ଭରିଲା 'ଫିର୍ ଭି ଦିଲ୍ ହେ ହିନ୍ଦୁସ୍ଥାନୀ'

ଭୁବନେଶ୍ୱର,୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଏମ୍ ଡି କ୍ରିଏଶନ୍ସ ଆଣ୍ଡ ଗ୍ରୁପ୍ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ସନ୍ଧ୍ୟା 'ଫିର୍ ଭି ଦିଲ୍‌ହେ ହିନ୍ଦୁସ୍ଥାନୀ' ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୀବନବ୍ୟାପୀ ସଙ୍ଗୀତ ସାଧନା ପାଇଁ ଶୈଳଭାମା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ସଙ୍ଗୀତ ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦେଶଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଜୁମ୍ବା ଡାନ୍ସ ଗ୍ରୁପ୍ ପକ୍ଷରୁ ଦେଶାତ୍ମକବୋଧ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ବୁବୁ, ସମୀର, ପ୍ରଦ୍ୟୁମ୍ନ, ଅରୁନ୍ଧତୀ, ଅଭିଜିତ, ବିଶ୍ୱନାଥ, ପ୍ରଣତି, ଅଳକା, ସନ୍ତୋଷ, ଜଗଜୀବନ, ଦୀପିକା, ମମତା, ଜ୍ୟୋତ୍ସ୍ନା ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି ଶହୀଦଙ୍କ ସ୍ମୃତି ଚାରଣ କରାଯିବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କୁମାର ଗୌରବ ଓ ଗୁଲସନ ନଦୀମ ପରିଚାଳନା କରିଥିବା ବେଳେ ମମତା ଦାଶ ଓ ମନୋରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଛାତ୍ର ମୃତ

ଜଟଣୀ,୯।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅନ୍ତର୍ଗତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିକଟ ରାସ୍ତାରେ ଶୁକ୍ରବାର ଗ୍ୟାସ୍ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ସାର୍ଥକ ସୂତାର। ସୂଚନା ମୁତାବକ, ମଧ୍ୟାହ୍ନରେ ସାର୍ଥକ ବିଶ୍ୱବିଦ୍ୟାଳୟରୁ ବାହାରି ବାଇକ୍‌ରେ ଷଣ୍ଢପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ଆସୁଥିବା ଏକ ଗ୍ୟାସ୍ ବୋଝେଇ ଟ୍ରକ୍ (ଓଡି ୧୯ଜି ୭୭୩୪) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସାର୍ଥକଙ୍କୁ ମେଡିକାଲ ନେବା ବେଳେ ତାଙ୍କର ବାଟରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଟ୍ରକ୍‌କୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି ବୋଲି ପୋଲିସ କହିଛି।

### ବଜ୍ରପାତରେ ୪ ଆହତ

କଳାପଥର,୯।୮ (ଗଙ୍ଗାଧର ସାହୁ)

ଶୁକ୍ରବାର ଅପରାହ୍ନରେ ବଜ୍ରପାତ ହେବାରୁ ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଥାନପଲ୍ଲୀ ଗ୍ରାମରେ ଗୟା ସ୍ୱାଇଁ, ସନ୍ତୋଷ କୁମାର ସାହୁଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଗୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁଇ ଜଣ ପ୍ରାଥମିକ ଚିକିତ୍ସା ପରେ ଘରୁକୁ ଫେରିଥିବା ଜଣାପଡ଼ିଛି। ସେହିପରି ବଜ୍ରପାତରେ କନ୍ତକାଇ ଗ୍ରାମର ମିଲି ପରିଡ଼ା ଆହତ ହୋଇ କଳାପଥର ମେଡିକାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

### ପୋଲିସକୁ ପଥର ମାଡ଼ ଘଟଣା, ୪ ଗିରଫ

ଭୁବନେଶ୍ୱର,୯।୮ (ସୂର୍ଯ୍ୟକାନ୍ତ ବେହେରା)

ଦୁର୍ଘଟଣା ଘଟାଇଥିବା ମୋ ବସ୍‌କୁ ଭଙ୍ଗାରୁଜା କରି ନିଆଁ ଲଗାଇବାକୁ ଉଦ୍ୟମ କରିବା ଓ ପୋଲିସକୁ ଟେକା ପଥର ମାଡ଼ ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପଟିଆ ଅଞ୍ଚଳର ସନ୍ତୋଷ ରେଞ୍ଜୀ, ପି. ତ୍ରିନାଥ ରେଞ୍ଜୀ, ଏସ୍.କାର୍ତ୍ତିକ ରେଞ୍ଜୀ ଓ ଭେଙ୍କଟ ରାଓ। ଏଥିସହ ପୋଲିସ ଅଭିଯୁକ୍ତମାନେ ଭଙ୍ଗାରୁଜା କରିଥିବା ବସ୍, ଅପରାଧରେ ବ୍ୟବହୃତ ଇଟା, ବୋତଲ, ଲାଠି ଜବତ କରିଛି । ଜାମିନ ନ ମିଳିବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଘଟଣା ଅନୁଯାୟୀ, ଚଳିତବର୍ଷ ଫେବୃଆରୀ ୪ରେ କଳାରାହାଙ୍ଗ ଛକ ନିକଟରେ ଜଣେ ବସ୍ତି ବାସିନ୍ଦାଙ୍କୁ ମୋ ବସ୍ ଧକ୍କା ଦେଇଥିଲା। ଏହାକୁ ନେଇ ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକେ ବସ୍ ଭଙ୍ଗାରୁଜା କରୁଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝେଇବାକୁ ଚେଷ୍ଟା କରିବା ସହ ଭଙ୍ଗାରୁଜା ନ କରିବାକୁ ବାରଣ କରିଥିଲା। ହେଲେ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ପୋଲିସକୁ ଗାଳିଗୁଲଜ କରିବା ସହିତ ଟେକା ପଥର ମାଡ କରିଥିଲେ ଏବଂ ସଂପୃକ୍ତ ବସ୍‌ରେ ନିଆଁ ଲଗାଇ ଦେବାକୁ ଉଦ୍ୟମ କରିଥିଲେ। ପରେ ଅଧିକ ପୋଲିସ ପହଞ୍ଚିବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ପୋଲିସ ଏନେଇ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ୫ ମାସ ପରେ ଗିରଫ କରିବାରେ ସକ୍ଷମ ହୋଇଛି।

### ପିଲା ଚୋର ସନ୍ଦେହରେ ଜଣେ ଅଟକ

ଟାଙ୍ଗୀ,୯।୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଗ୍ରାମବାସୀ ପିଲା ଚୋର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରେ ଚକୋଲେଟ୍, କୁରକୁରି ଥିବାରୁ ଲୋକେ ସନ୍ଦେହ କରିଥିଲେ। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ସୁଶାନ୍ତଙ୍କ ସ୍ମୃତିଚାରଣ

ଜଟଣୀ,୯।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାର ଠାରେ ସମାଜବାଦୀ ନେତା ସୁଶାନ୍ତ ମହାନ୍ତିଙ୍କ ୨୩ତମ ଶ୍ରାଦ୍ଧଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ଏବଂ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶ୍ରାଦ୍ଧ ଦିବସରେ ବରିଷ୍ଠ ନାଗରିକ ସେବା ସଂଘ ସଭାପତି ଅବନୀ ରାଉତରାୟ ପୌରାହିତ୍ୟ କରିଥିଲେ। ବରିଷ୍ଠ ଶିକ୍ଷକ ନେତା ତ୍ରିନାଥ ସାମନ୍ତରାୟ, ଦିବାକର ମଙ୍ଗରାଜ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରବୀର ମହାନ୍ତି, ଅରୁଣ ମହାନ୍ତି, ଆଶୁତୋଷ ରାୟ, ଅମରେଶ ରାଉତରାୟ, ଅମ୍ବିକା ରାଉତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ଦରଦୀ ବ୍ୟକ୍ତି ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ମତପ୍ରକାଶ ପାଇଥିଲା।

# ଗୋରୁ ବୋଝେଇ ଗାଡ଼ିକୁ ନେଇ ତୁମୁଳକାଣ୍ଡ



ବଜରଙ୍ଗ ଦଳର କର୍ମୀମାନେ ରାଜପଥ ଅବରୋଧ କରିଛନ୍ତି।



୨ ଯୁବକ ଖଣ୍ଡା ବୁଲାଉଛନ୍ତି।

■ ଖଣ୍ଡା ବୁଲାଇଲେ: ଗାଡ଼ି, ଦୋକାନ ଭଙ୍ଗାରୁଜା
■ ନ୍ୟାୟ ଦାବିରେ ରାଜପଥ ଅବରୋଧ

ନିରାକାରପୁର,୯।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ପଞ୍ଚାୟତ ଅଞ୍ଚଳରେ ଏକ ଗୋରୁ ଗାଡ଼ିକୁ ନେଇ ଶୁକ୍ରବାର ତୁମୁଳକାଣ୍ଡ ଘଟିଛି। ମୁସଲିମ୍ ସମ୍ପ୍ରଦାୟର କେତେଜଣ ବ୍ୟକ୍ତିଙ୍କ ସହ ବଜରଙ୍ଗ ଦଳର କର୍ମୀମାନଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏପରିକି କେତେଜଣ ଖଣ୍ଡା ବୁଲାଇବା ସହ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ଓ ଦୋକାନ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି। ଅନ୍ୟପଟେ ନ୍ୟାୟ ଦାବିରେ ବଜରଙ୍ଗ ଦଳର କର୍ମୀମାନେ ଜଙ୍କିଆସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସୂଚନା ମୁତାବକ, ମଧ୍ୟାହ୍ନରେ ଏକ ଗାଡିରେ ଗୋରୁ ବୋଝେଇ କରି କେତେଜଣ ବ୍ୟକ୍ତି ଦେଉଳି (ଅରାଙ୍ଗ)ପଟୁ ଛଣଗିରି ଅଭିମୁଖେ ନେଇଥିବା ବେଳେ ବଜରଙ୍ଗ ଦଳର କେତେଜଣ କର୍ମୀ ଦେଖିଥିଲେ। ପରେ ଏହି ଗାଡ଼ି ଖାଲି ଆସିବାରୁ ଗୋରୁମାନେ କୁଆଡେ ଗଲେ ବୋଲି ବଜରଙ୍ଗ ଦଳର କର୍ମୀମାନେ ପଚାରିଥିଲେ। ଏଥିରେ ଗୋରୁ ନ ଥିଲେ, ଖତ ପକାଇବାକୁ ଯାଇଥିଲେ ବୋଲି କହିଥିଲେ। ଗାଡ଼ିରେ ଗୋରୁଙ୍କ ଲୋମ ଲାଗିଥିବାରୁ ପଚାରିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଗାଡ଼ିରେ ଥିବା କେଜେଣ ବ୍ୟକ୍ତି ଛଣଗିରି ମୁସଲିମ୍ ସମ୍ପ୍ରଦାୟର ପିଲାମାନଙ୍କୁ ଡାକି ଆଣିବା ପରେ ମାରପିଟ୍ ହୋଇଥିଲା। ବଜରଙ୍ଗ ଦଳର ଦୁଇଜଣ କର୍ମୀଙ୍କୁ ଉଠାଇନେଇ ଗ୍ରାମରେ ଥିବା ମସଜିଦ୍ ନିକଟରେ ରଖିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ବଜରଙ୍ଗ ଦଳର ଦୁଇ କର୍ମୀଙ୍କୁ ଉଦ୍ଧାର କରିଥିଲା। ପରେ ବଜରଙ୍ଗ ଦଳର ସଦସ୍ୟମାନେ ନ୍ୟାୟ ଦାବିରେ ସନ୍ଧ୍ୟାରେ ଜଙ୍କିଆସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ ଦାସ, ଉପଜଲାପାଳ ଦୀପ୍ତି ରଞ୍ଜନ ସେଠୀ, ସ୍ଥାନୀୟ ଥାନା ଅଧିକାରୀ, ତହସିଲଦାରଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ପହଞ୍ଚି ବୁଝାଶୁଝା କରିଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଥିବା ଜଣାପଡ଼ିଛି।



ଭଙ୍ଗାରୁଜା ହୋଇଥିବା ୧୦ରୁ ଊର୍ଦ୍ଧ୍ୱ ବାଇକ୍।

# ଟାଙ୍ଗୀ ପଞ୍ଚାୟତ ସମିତି ବୈଠକ



ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଅଧିକାରୀ ଏବଂ ଅନ୍ୟମାନେ।

ଟାଙ୍ଗୀ,୯।୮ (ରଘୁନାଥ ସାହୁ)

ଟାଙ୍ଗୀ ପଞ୍ଚାୟତ ସମିତିର ଷଷ୍ଠ ବୈଠକ ଶୁକ୍ରବାର ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରେସ୍‌ମା ଟେଟେ, ତହସିଲଦାର ମିତାଲି ପାତ୍ର, ଜିଲା ପରିଷଦ ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା, ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟିଙ୍କ ସମେତ ସମସ୍ତ ପଞ୍ଚାୟତର ସମିତି ସଭ୍ୟାସଭ୍ୟ, ସରପଞ୍ଚ, ବିଭିନ୍ନ ଜୋନର ଜିଲା ପରିଷଦ ସଭ୍ୟମାନେ ଯୋଗଦେଇଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପାନୀୟଜଳ ଯୋଗାଣ, ଖାଦ୍ୟ ସୁରକ୍ଷା, ଉଦ୍ୟାନ, ମତ୍ସ୍ୟ ସମ୍ପଦ, ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଟାଙ୍ଗୀ ବ୍ଲକ ଅଞ୍ଚଳରେ ଶିଳ୍ପାନୁଷ୍ଠାନ ଗଠନ କରିବା ପାଇଁ ସରକାରୀ ଜମି ଚିହ୍ନଟ କରିବାକୁ ବିଧାୟକ କହିଥିଲେ। ଟାଙ୍କୋଳ ପଞ୍ଚାୟତରେ ବିସ୍ତୀର୍ଣ୍ଣ ଜମି ଥିବା ସ୍ଥାନୀୟ ସରପଞ୍ଚ ସୂଚନା ଦେଇଥିଲେ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ତ ଡାକ୍ତର ଡ୍ୟୁଟି କରିବା ପାଇଁ ବିଧାୟକ ମେଡିକାଲ ଅଫିସର ଡା.ସତ୍ୟ ପ୍ରକାଶ ନନ୍ଦଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ଲକ ଉନ୍ନୟନ ଯୋଜନାର ୨୦୨୪-୨୫ ଆର୍ଥିକ ବର୍ଷର ପ୍ରସ୍ତାବିତ ପ୍ରକଳ୍ପର ଖସଡା ପ୍ରସ୍ତୁତି କରାଯାଇଥିଲା। ଏହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟରେ ନିଶା ନିବାରଣ ଆଇନ ଲାଗୁ କରାଯାଉ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଖୋର୍ଦ୍ଧା,୯।୮ (ପ୍ରଭାତ ପାଣିଗ୍ରାହୀ)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ରାଜ୍ୟରେ ମୋଟରଯାନ ଦୁର୍ଘଟଣା ହାର ବଢ଼ିଚାଲିଛି। ଅଧିକାଂଶ ଦୁର୍ଘଟଣା ମଦ୍ୟପାନ କରି ଡ୍ରାଇଭିଂ ଯୋଗୁ ଘଟୁଛି। ନିଶା ସେବନ ଦ୍ୱାରା ଯୁବପିଢ଼ି ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ଦେଶର ଭବିଷ୍ୟତ ଆଜି ବିପଦଗାମୀ ହେଉଛି। ସରକାର ମଦ ବିକ୍ରି ବନ୍ଦ କରିବା ପରିବର୍ତ୍ତେ ହେଲ୍‌ମେଟ ପଛରେ ପଡିଛନ୍ତି। ଯାନବାହନ ଚେକିଂ କରିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ମଦ ବନ୍ଦ କରାଗଲେ, ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା) ଦାବି କରିଛି। ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ କାର୍ଯ୍ୟକାରୀ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଖୋର୍ଦ୍ଧା ଜିଲା କର୍ମକର୍ତ୍ତା ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ନିଶା କାରବାର ବଢ଼ିବାରେ ଲାଗିଛି। ବହୁଳ ନିଶା, ମଦ ବିକ୍ରି ଯୋଗୁ ସମାଜରେ କଳୁଷିତ ବାତାବରଣ ସୃଷ୍ଟି ହେଉଛି। ସମାଜରେ ଅରାଜକତା, ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି। ପରିବାରରେ ସୁଖଶାନ୍ତି ନଷ୍ଟ ହେଉଛି। ରାଜସ୍ୱ ଆଦାୟ ଆଳରେ ସରକାର ଗୋଟିଏ ପରେ ଗୋଟିଏ ମଦ ଦୋକାନ ଖୋଲିବାକୁ ଅନୁମତି ଦେଉଛନ୍ତି। ଏହା ଦ୍ୱାରା ସାମାଜିକ, ଆଧ୍ୟାତ୍ମିକ ବାତାବରଣ ନଷ୍ଟ ହେବା ସହ ଜନଜୀବନ ପ୍ରଭାବିତ ହେଉଛି। ରାଜ୍ୟରେ ମଦ ବିକ୍ରି ବନ୍ଦ ଲାଗି ତତ୍କାଳୀନ ମୁଖ୍ୟମନ୍ତ୍ରୀ ୧୯୫୬ରେ ନିଶା ନିବାରଣ ଆଇନ ଲାଗି କରୁଥିଲେ। ତେବେ ଏହି ଆଇନକୁ ପରବର୍ତ୍ତୀ ସରକାର କାର୍ଯ୍ୟକାରୀ କରିନାହାନ୍ତି। ସହର, ଗ୍ରାମାଞ୍ଚଳ ମୁଖ୍ୟ ରାସ୍ତାକଡରେ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆ ନ ଯାଉ। ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ମୋନାର ଜିଲା ସଭାପତି ଅର୍ଜୁନ ଚରଣ ସାମନ୍ତରାୟ, ଆଇନଜୀବୀ ବସନ୍ତ କୁମାର ଦାଶ, ନୀଳମଣି ମିଶ୍ର, ଶୁଭେନ୍ଦୁ ରାଉତରାୟ, କବିତା ପରିଡା, ଦୁର୍ଗା ପ୍ରସାଦ ଦାସ, ସଚ୍ଚିଦାନନ୍ଦ ପଣ୍ଡା, ମଳୟ ତ୍ରିପାଠୀ, ସେବ ସ୍ୱାଇଁଙ୍କ ସମେତ ଏକାଧିକ ମହିଳା, ପୁରୁଷ ଧାରଣାରେ ସାମିଲ ହୋଇଥିଲେ।

# ପ୍ରତ୍ୟେକ ଛାତ୍ରୀଛାତ୍ର ବୈଜ୍ଞାନିକ ହୋଇପାରିବେ

ଭୁବନେଶ୍ୱର, ୯।୮ (ଅସମାପିକା ସାହୁ)

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଜିଜ୍ଞାସା ଟିମ୍ ପକ୍ଷରୁ ଶୁକ୍ରବାର ଲାବରେଟୋରି ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଜ୍ଞାନିକ ଏବଂ ପିଲାଙ୍କ ମଧ୍ୟରେ ସଂଯୋଗ କରିବା ହେଉଛି ଏହାର ଉଦ୍ଦେଶ୍ୟ। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ପିଲାମାନଙ୍କୁ ସାମିଲ କରାଯାଇ ସିଏସ୍‌ଆଇଆର୍‌ର ଲାବରେଟୋରି ପରିଦର୍ଶନ କରାଯାଇଥାଏ। ତେବେ ଏଥର ମୂକ ବଧିର ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୟୁନିଟ୍-୩ସ୍ଥିତ ବିବିସି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ଶହେ ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ବୈଜ୍ଞାନିକ ହୋଇପାରିବେ। ଏପରି ଚିନ୍ତାଧାରା ସୃଷ୍ଟି କରିବା ସହ ସେମାନଙ୍କ ମନୋବଳ ଦୃଢ଼ କରିବା ପାଇଁ ପ୍ରୟାସ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନେ ବହୁତ କିଛି ଶିଖିବା ସହ ଖୁସି ହେଉଥିବା ଦେଖିବାକୁ ମିଳିଥିଲା। ଚିଫ୍ ସାଇଣ୍ଟିଷ୍ଟ ଡ. ଏଲ୍. ଡି. ବେସ୍ରା, ପ୍ରିନ୍ସିପାଲ ସାଇଣ୍ଟିଷ୍ଟ ଡ. ଉମାକାନ୍ତ ସୁବୁଦ୍ଧି ଛାତ୍ରୀଛାତ୍ରଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ବୈଜ୍ଞାନିକ କିଏ, କ'ଣ କାମ କରନ୍ତି ତାହା ବୁଝାଯାଇଥିଲା।

# ବାଲୁଗାଁ ମହାବିଦ୍ୟାଳୟରେ କ୍ରାନ୍ତି ଦିବସ



କ୍ରାନ୍ତି ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ବାଲୁଗାଁ,୯।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ, ରେଡ୍ ରିବନ କ୍ଲବ ପକ୍ଷରୁ ଶୁକ୍ରବାର ଅଗଷ୍ଟ କ୍ରାନ୍ତି ଦିବସ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ଯୋଜନା ଅଧିକାରୀ ରୀନା ରାଉତ, ଡ.କୈଳାସ ଚନ୍ଦ୍ର ମହାରଣା, ଏନ୍‌ସିସି ଭାରପ୍ରାପ୍ତ ଅଧିକାରୀ ଚନ୍ଦନ ନାୟକ, ଯୁବ ରେଡ୍‌କ୍ରସ ଅଧିକାରୀ ଧୋବୀ ଚରଣ ପରିଡ଼ାଙ୍କ ତତ୍ତ୍ୱାବଧାନରେ କ୍ୟାଡେଟ, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରମାନେ ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଗାନ୍ଧୀ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ମହାବିଦ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇତିହାସ ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ଅଧ୍ୟାପକ ଧୋବୀ ପରିଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରୀଛାତ୍ର ସଂଗ୍ରାମ ବେହେରା, ଆଲୋକ ବେହେରା, ସନ୍ଧ୍ୟାରାଣୀ ବେହେରା, କାର୍ତ୍ତିକ ଜେନାଙ୍କ ସହ ଅଧ୍ୟାପିକା ରୀନା ରାଉତ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା କ୍ରିଷ୍ଣା ସେଠୀ, ପ୍ରଦୀପ ପାଢ଼ୀ, ସନ୍ତୋଷ ରଥ, ସ୍ନିଗ୍ଧାରାଣୀ ମୁଦୁଲି, ବାଳକୃଷ୍ଣ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଚନ୍ଦନ ନାୟକ ଧନ୍ୟବାଦ ଦେଇଥିଲେ ।

# ପଞ୍ଚାୟତ ସମିତି ସ୍ତରୀୟ ସଚେତନତା, ସମୀକ୍ଷା ଶିବିର



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୯।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ସ୍ତରୀୟ ସଚେତନତା ଓ ସମୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ବିଡିଓ ଅମିୟ କୁମାର ପଣ୍ଡା ପରିଚାଳନା କରିଥିଲେ। ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ (ପର୍ଯ୍ୟାୟ-୨), କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ, ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଫଳ ରୂପାୟନ ଦିଗରେ ଆଲୋଚନା କରାଯାଇଥିଲା। ସରକାରଙ୍କ ପ୍ରତିଟି ଯୋଜନାର ସୁପରିଚାଳନା ଦିଗରେ ବିଡିଓ ପଣ୍ଡା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସାଧନା ସାହୁ, ପ୍ରଭାତ କୁମାର ସାହୁ, ଅଭିନ୍ନ କୁମାର ପଲେଇ, ଅମିତ କୁମାର ତାଢ଼ ପ୍ରମୁଖ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଦିଗରେ ଆଲୋଚନା କରିଥିଲେ। ଉକ୍ତ ଯୋଜନାରେ ହେଉଥିବା କାର୍ଯ୍ୟଗୁଡ଼ିକ ସରସ ସୁନ୍ଦର କରିବା ସହ ତ୍ୱରାନ୍ୱିତ କରିବା ଲାଗି ବିଡିଓ ନିର୍ଦ୍ଦେଶ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, ଜିତେନ୍ଦ୍ର ଦାସ, ମନୋଜ କୁମାର ସାଇଁ, ରାଜସ୍ୱ ସହାୟକ କାଶିମ ମହମ୍ମଦ, ଆଲୋକ କୁମାର ଖୁଣ୍ଟିଆଙ୍କ ସମେତ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

# ମକରା ନଦୀରୁ ଗଦାଧରଙ୍କ ମୃତଦେହ ମିଳିଲା

ଖୋର୍ଦ୍ଧା,୯।୮ (ପ୍ରଭାତ ପାଣିଗ୍ରାହୀ)



ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

**ଡେଲାଙ୍ଗରୁ ଆସି ଖୋର୍ଦ୍ଧାରେ ନିଖୋଜ ଘଟଣା**

■ ପୋଲିସର ତଦନ୍ତରେ ଶିଥିଳତାକୁ ଦାୟୀ କଲେ ଗ୍ରାମବାସୀ
■ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପି ଅଫିସ ଘେରିଲେ

ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ କୁଆପଦା ଗ୍ରାମର ଗଦାଧର ନିଶଙ୍କ ଗତ ୩ତାରିଖରେ କୌଣସି କାମରେ ଖୋର୍ଦ୍ଧା ଗୁରୁଜଙ୍ଗ ଆସି ନିଖୋଜ ହୋଇଯାଇଥିଲେ। ବରୁଣେଇ ଶିଳ୍ପାଞ୍ଚଳସ୍ଥିତ ଏକ ପରିତ୍ୟକ୍ତ ଖଣି ପୋଖରୀରୁ ଜବତ ବାଇକ୍, ହେଲ୍‌ମେଟ, ଜୋତା, ବ୍ୟାଗକୁ ପରିବାର ଲୋକେ ଗଦାଧରଙ୍କର ବୋଲି ଚିହ୍ନଟ କରି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଗୁରୁବାର ରାତିରେ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ମକରା ନଦୀରୁ ଭାସମାନ ଅବସ୍ଥାରେ ଗଦାଧରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ତଦନ୍ତରେ ଶିଥିଳତାକୁ ଦାୟୀ କରି ଗଦାଧରଙ୍କ ପରିବାର, ଗ୍ରାମବାସୀ ଶୁକ୍ରବାର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ଏସ୍‌ପି ଅବିନାଶ କୁମାରଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ବାଇକ୍, ହେଲ୍‌ମେଟ, ବ୍ୟାଗ୍ ଆଦି ସାମଗ୍ରୀ ମିଳିବା ଏବଂ ଗୁରୁଜଙ୍ଗ ସ୍ଥିତ ସମ୍ପୃକ୍ତ ମହିଳାଙ୍କ ସମ୍ପର୍କରେ ତଥ୍ୟ ଦେବା ସତ୍ତ୍ୱେ ଶିଳ୍ପାଞ୍ଚଳ ପୋଲିସ କୌଣସି ପଦକ୍ଷେପ ନେଲା ନାହିଁ। ଗଦାଧରଙ୍କ ମୋବାଇଲ ଶେଷ ଲୋକେଶନ ଗୁରୁଜଙ୍ଗସ୍ଥିତ ଏକ ମନ୍ଦିର ନିକଟରେ ଦେଖାଉଥିବା ବେଳେ ପୋଲିସକୁ ଏହାକୁ ତଦନ୍ତ ପରିସରଭୁକ୍ତ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆଗଲା ନାହିଁ। ଏବେ ମୃତଦେହ ଗଡିଶାଗୋଦା ଥାନା ଜବତ କରିଛି, ସମସ୍ତ ତଦନ୍ତ ରିପୋର୍ଟ ସେଠାକୁ ସ୍ଥାନାନ୍ତର କରିଦେବୁ କହି ଶିଳ୍ପାଞ୍ଚଳ ପୋଲିସ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେଲା ବୋଲି ପରିବାର ଲୋକେ ଏବଂ ସାଥିରେ ଥିବା ଗ୍ରାମବାସୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗର ବିଭାଗୀୟ ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ପରିବାରଲୋକେ କହିଛନ୍ତି। କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ଖୋର୍ଦ୍ଧା ପୋଲିସ ବିରୋଧରେ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି। ମୃତକଙ୍କ ଭାଇ ସର୍ବେଶ୍ୱର, ଚିତ୍ରସେନଙ୍କ କହିବା ଅନୁଯାୟୀ, ଗଦାଧର ବାସ୍ତୁ କାମ କରନ୍ତି। ଗତ ୩ତାରିଖରେ ବାଇକରେ ଗୁରୁଜଙ୍ଗ ଯାଉଛି, ରାତି ୮ଟା ସୁଦ୍ଧା ଫେରିଆସିବି ବୋଲି କହିଥିଲେ। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ। ଏପରିକି ତାଙ୍କ ମୋବାଇଲ ଫୋନ ସୁଇଚଅଫ୍ ଆସିଥିଲା। ତାଙ୍କ ଝିଅ ସସ୍ମିତା ରାତିରେ ଗଦାଧର ଘରେ ଛାଡି ଯାଇଥିବା ଅନ୍ୟ ଏକ ଫୋନରୁ ଗୁରୁଜଙ୍ଗସ୍ଥିତ ସମ୍ପୃକ୍ତ ମହିଳାଙ୍କୁ ଫୋନ କରିଥିଲେ। ସେ କହିଲେ, ତମ ବାପା ଯେଉଁଠି ଅଛନ୍ତି ଭଲରେ ଅଛନ୍ତି, ଘରକୁ ଫେରିବେ। ପରେ କହିଥିଲେ ସେ ୪ରୁ ୫ଜଣଙ୍କ ସହ ଫୁଲବାଣୀ ଯାଇଛନ୍ତି। ପରଦିନ ଅର୍ଥାତ ୪ତାରିଖ ସକାଳେ ପ୍ରଥମେ ଡେଲାଙ୍ଗ ଥାନା ପରେ ଶିଳ୍ପାଞ୍ଚଳ ଥାନାରୁ ଖବରପାଇ ପରିବାର ଲୋକେ ଥାନାରେ ପହଞ୍ଚି ପ୍ରଥମେ ଜବତ ବାଇକ ଗଦାଧରଙ୍କ ବୋଲି ଚିହ୍ନଟ କରିଥିଲେ। ପରେ ପୋଖରୀରୁ ହେଲ୍‌ମେଟ, ବ୍ୟାଗ୍, ଜୋତା ଆଦି ମିଳିଥିଲା। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଗୁରୁଜଙ୍ଗସ୍ଥିତ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତେବେ ପୋଲିସ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୮।୨୦୨୪

| ୩,୫୦,୨୩୯ ଟଙ୍କା | |
|---|---|
| ସୁନା | ୩.୧୨୦ ଗ୍ରାମ୍ |
| ରୁପା | ୬୪.୭୫୦ ଗ୍ରାମ୍ |

# ନନ୍ଦନକାନନ: କୃଷ୍ଣସାର ମୃଗ ମୃତ, ଜିରାଫ ଅସୁସ୍ଥ

ବାରଙ୍ଗ,୯।୮(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଅସୁସ୍ଥ ଥିବା କୃଷ୍ଣସାର ମୃଗର ଶୁକ୍ରବାର ମୃତ୍ୟୁ ହୋଇଥିବା ବେଳେ ଜିରାଫ ଖୁସି ଅସୁସ୍ଥ ହୋଇଛି। ଉଦ୍ୟାନର ହରିଣ ଏନ୍‌କ୍ଲୋଜରରେ ରହୁଥିବା ଏହି ହରିଣର ପିଠିରେ ବଥ ହୋଇଥିଲା। ଏହି ବଥ ପଚିଯାଇଥିବା ବେଳେ ମୃଗଟି କଷ୍ଟ ପାଉଥିଲା। ଏନେଇ ଏନ୍‌କ୍ଲୋଜରରେ କାମ କରୁଥିବା କର୍ମଚାରୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଡାକ୍ତର ଟିମ୍ ପହଞ୍ଚି ମୃଗର ପ୍ରାଥମିକ ଚିକିତ୍ସା କରି ଫେରିଯାଇଥିଲେ। ଶନିବାର ଅସ୍ତ୍ରୋପଚାର କରିବା ପାଇଁ ସ୍ଥିର କରିଥିଲେ। ଅସ୍ତ୍ରୋପଚାର ପୂର୍ବରୁ ମୃଗଟିର ମୃତ୍ୟୁ ହୋଇଛି। ସେହିପରି ଦୀର୍ଘଦିନ ଧରି ନିସଙ୍ଗ ଜୀବନ ବିତାଉଥିବା ଜିରାଫ ଖୁସି ଶୁକ୍ରବାର ହଠାତ୍ ଅସୁସ୍ଥ ହୋଇପଡ଼ିଛି। ଖବରପାଇ ଓୟୁଏଟିର ବିଶେଷଜ୍ଞ ଦଳ ପହଞ୍ଚି ଖୁସିର ଚିକିତ୍ସା ଆରମ୍ଭ କରିଥିବା ଜଣାପଡିଛି।

# ୧.୫୦ ଲକ୍ଷ ଠକିନେଇଥିବା ଯୁବକ ଗିରଫ

ଭୁବନେଶ୍ୱର,୯।୮ (ସୂର୍ଯ୍ୟକାନ୍ତ ବେହେରା)

ବାହାଘରର ଭିଡିଓଗ୍ରାଫି ଓ ଫଟୋ ଶୁଟିଂ ପାଇଁ ଦେଢ଼ ଲକ୍ଷ ଟଙ୍କା ନେଲେ। ହେଲେ କୌଣସି ଫଟୋ କି ଭିଡିଓ ଦେଲେ ନାହିଁ। ଠକାମିର ଶିକାର ହୋଇଥିବା ଅଭିଷେକ ପାଣିଗ୍ରାହୀ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡାର ନରେନ୍ଦ୍ର କୁମାର ମଲ୍ଲିକ। ସୂଚନାନୁସାରେ, ଗତ ଫେବୃଆରୀରେ ଅଭିଯୋଗକାରୀ ଅଭିଷେକଙ୍କ ଭଉଣୀଙ୍କ ବାହାଘର ଥିଲା। ଏହାର ସମସ୍ତ ଭିଡିଓଗ୍ରାଫି ଓ ଫଟୋ ଶୁଟିଂ ନିମନ୍ତେ ଅଭିଯୁକ୍ତ ନରେନ୍ଦ୍ର ଅଭିଷେକଙ୍କଠାରୁ ନଗଦ ଆକାରରେ ୧ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। କଣ୍ଟ୍ରାକ୍ଟ ମୁତାବକ ଅଭିଯୁକ୍ତ ଅଭିଯୋଗକାରୀଙ୍କୁ ତିନିମାସ ମଧ୍ୟରେ ସମସ୍ତ ଭିଡିଓ ଏବଂ ଫଟୋଗୁଡିକୁ ଦେବାର ଥିଲା। କିନ୍ତୁ ୬ ମାସରୁ ଅଧିକ ବିତିବା ସତ୍ତ୍ୱେ କୌଣସି ଫଟୋ ଓ ଭିଡିଓ ଦେଇ ନ ଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଯୁବକଙ୍କ ଆତ୍ମହତ୍ୟା

ବାରଙ୍ଗ,୯।୮(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବିଦ୍ୟାଧରପୁର ଗ୍ରାମ ନୂଆସାହିର ବିଶ୍ୱରଞ୍ଜନ ରାଉତ ଓରଫ ଡବେଇ (୨୪)। ବୁଧବାର ସନ୍ଧ୍ୟାରେ ସେ ଘରପଛ ପଟେ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାରଲୋକ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# 'ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ମାନିତ କରିବାର ସମୟ ଆସିଛି'

## ରାଜ୍ୟ ସଂଗ୍ରହାଳୟରେ ଖୋଲିଲା ଅନୁଭବ ଐତିହ୍ୟ ଗ୍ୟାଲେରି

ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ କଫି ଟେବୁଲ ବୁକ 'ସୋଲ ଅଫ୍ ଦ ସଏଲ'କୁ ଉନ୍ମୋଚନ କରୁଛନ୍ତି।

କ୍ରାନ୍ତି ଦିବସରେ ରାଜ୍ୟ ସଂଗ୍ରହାଳୟ ପରିସରରେ ଅନୁଭବ ଐତିହ୍ୟ ଗ୍ୟାଲେରି ଖୋଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏହି ଗ୍ୟାଲେରିକୁ ଉଦ୍‌ଘାଟନ କରିବା ସହ ଏକ କଫି ଟେବୁଲ ବୁକ୍ 'ସୋଲ ଅଫ୍ ଦ ସଏଲ' ଉନ୍ମୋଚନ କରିଛନ୍ତି। ଏଥିସହ ସଂଗ୍ରହାଳୟରେ ଆଉ ୯ଟି ଗ୍ୟାଲେରୀ ଖୋଲିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ କହିଲେ, ଓଡ଼ିଆ ଅସ୍ମିତାର ଝଲକ ଏହି ଗ୍ୟାଲେରିରେ ଦେଖିବାକୁ ମିଳିଛି। କ୍ରାନ୍ତି ଦିବସ ଥିବାରୁ ସେ ଭାରତଛାଡ ଆନ୍ଦୋଳନ ସମୟର କଥା ମନେ ପକାଇଥିଲେ। କଟକରୁ କୋରାପୁଟ, ବଲାଙ୍ଗୀରୁ ବରଗଡ଼ ଯାଏ ବହୁ ସ୍ୱାଧୀନତା ସଂଗ୍ରାମୀ ବଳିଦାନ ଦେଇଥିଲେ। ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ଚରିତ୍ର ଓ ବଳିଦାନ ବିଷୟରେ ଲୋକଲୋଚନାକୁ ଆଣିବା ଆବଶ୍ୟକ। ତାଙ୍କର ଦାୟାଦମାନଙ୍କୁ ସମ୍ମାନିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ମାଉଣ୍ଟଏଭରେଷ୍ଟ ଯିବାକୁ ଚାହୁଁଥିବା ପର୍ବତାରୋହୀଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଯୋଜନା ପ୍ରସ୍ତୁତ କରାଯାଇଛି। ସରକାରୀ ବ୍ୟବସ୍ଥାରେ ୩ରୁ ୪ଜଣ ପର୍ବତାରୋହୀଙ୍କୁ ପଠାଯିବ। କିଲ୍‌ମାଞ୍ଜାରୋଠାରୁ ଆରମ୍ଭ କରି ଏଲ୍‌ବ୍ରସ୍ ଯାଏ ଯେଉଁଠି ପର୍ବତାରୋହୀ ଯିବାକୁ ଚାହିଁବେ ସେମାନଙ୍କ ଲାଗି ବ୍ୟବସ୍ଥା କରାଯିବ। ଏମାନଙ୍କ ସହିତ ପାଣିପାଗ ବିଶେଷଜ୍ଞମାନଙ୍କୁ ପଠାଇବା ଲାଗି ଯୋଜନା ମଧ୍ୟ କରାଯାଇଛି। ବିଶ୍ୱ ମେଟ୍ରୋଲୋଜିକାଲ ସଂସ୍ଥା ସହିତ କଥା ହୋଇ ପୋର୍ଟାଲ ତିଆରି ପାଇଁ ବ୍ୟବସ୍ଥା କରାଯାଉଛି। ଏହି ଅବସରରେ ମାଉଣ୍ଟ ଏଲ୍‌ବ୍ରସ ଆରୋହଣ କରିବାକୁ ଯାଉଥିବା ପର୍ବତାରୋହୀ ଚିନ୍ମୟ ମହାରଣାଙ୍କୁ ଭାରତୀୟ ପତାକା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଞ୍ଜନ କୁମାର ଦାସ, ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଉନ୍ମୋଚିତ ହୋଇଥିବା କଫି ଟେବୁଲ ବୁକ୍ 'ସୋଲ ଅଫ୍ ଦ ସଏଲ୍' ତଥା 'ମାଟିର ଆତ୍ମା' ପୁସ୍ତକରେ ଥିବା ଫଟୋଗୁଡ଼ିକ ଉଠାଇବା ଲାଗି ଆଶିଷ ଧୀରଙ୍କୁ ୫ରୁ ୬ବର୍ଷ ସମୟ ଲାଗିଥିଲା। ଏଥିସହ ସଂଗ୍ରହାଳୟରେ ରାଜକୀୟ ଓ ହାତୀଦାନ୍ତ ଗ୍ୟାଲେରି, ପ୍ରାକ୍ ଐତିହାସିକ ଗ୍ୟାଲେରି, ନ୍ୟାଚୁରାଲ ଐତିହ୍ୟ ଗ୍ୟାଲେରି, ହସ୍ତତନ୍ତ ଗ୍ୟାଲେରି, ଖଣି ଓ ଭୂତତ୍ତ୍ୱ ଗ୍ୟାଲେରି, କଣ୍ଢେଇ ଗ୍ୟାଲେରି, ମୁଖା ଗ୍ୟାଲେରି, ପ୍ରାଣୀ ବିଜ୍ଞାନ ଗ୍ୟାଲେରି, ଜନଜାତିଙ୍କ ଫଟୋ ଏବଂ ରୀତିନୀତି ଗ୍ୟାଲେରି, ଅଡିଓ ଭିଜୁଆଲ(ଏଭି) ଗ୍ୟାଲେରି ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ବୋଲି ସୂଚନା ଦିଆଯାଇଥିଲା। ସଂଗ୍ରହାଳୟ ଅଧୀକ୍ଷକ ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦାମୋଦର ସାହୁ ପାଇଲେ ଦ୍ୱିତୀୟ 'ସରଳା ଦେବୀ ପୁରସ୍କାର'




ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକା ସରଳା ଦେବୀଙ୍କ ଜୟନ୍ତୀ ଓ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

## ବିଭିନ୍ନ କ୍ଷେତ୍ରରେ ୭ ବ୍ୟକ୍ତିତ୍ୱ ସମ୍ମାନିତ

ଭୁବନେଶ୍ୱର,୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ଓ ଜଗତ୍‌ସିଂହପୁର ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକା ସରଳା ଦେବୀଙ୍କ ୧୨୧ତମ ଜୟନ୍ତୀ ଓ ଅଗଷ୍ଟ କ୍ରାନ୍ତି ଦିବସ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାରଦା ଜେନା, ମୁଖ୍ୟବକ୍ତା ପ୍ରଫେସର



ଦାମୋଦର ସାହୁ ଦ୍ୱିତୀୟ 'ସରଳା ଦେବୀ ପୁରସ୍କାର' ଗ୍ରହଣ କରୁଛନ୍ତି।

ନୀହାର ରଞ୍ଜନ ପଟ୍ଟନାୟକ, ଉପଦେଷ୍ଟା ନିରଞ୍ଜନ ପଟ୍ଟନାୟକ ଓ ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବୀ ତଥା ହିନ୍ଦୁ ସେବକ ସମାଜର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କୁ ଦ୍ୱିତୀୟ 'ସରଳା ଦେବୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ସାହୁଙ୍କୁ ୧୦ହଜାର ଟଙ୍କା ସହ ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ଏଥିସହ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୭ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଏହି ଉତ୍ସବରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସମାଜସେବୀ ଗୌରାଙ୍ଗ ଚରଣ ହୋତା, ଲେଖିକା ଡ. ଅନିତା ପଣ୍ଡା, ଶିକ୍ଷାବିତ୍ ଜ୍ୟୋତ୍ସ୍ନା ମହାପାତ୍ର, ଗବେଷକ ଡ. ଭି. ରାଜେନ୍ଦ୍ର ରାଜୁ, ଲେଖିକା ରେଣୁକା ମିଶ୍ର, ସଂଗଠକ ଓ ପ୍ରଶାସକ ସୂର୍ଯ୍ୟରଞ୍ଜନ ମହାନ୍ତି ଓ ସାହିତ୍ୟ ସାଧକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ। ଟ୍ରଷ୍ଟର ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୪ରୁ ନର୍ସିଂ ଅଫିସରଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, ୯।୮(ଅସମାପିକା ସାହୁ)

ଆସନ୍ତା ୧୪ ତାରିଖରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବେ ନର୍ସିଂ ଅଫିସର। ଶୁକ୍ରବାର ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ପ୍ରଥମ ଦିନରୁ ରାଜ୍ୟର ସମସ୍ତ ନର୍ସିଂ ଅଫିସର କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇବେ। ଏଥିସହିତ ୨୧ତାରିଖରୁ ରୋଗୀସେବାରେ ବାଧା ନ ଦେଇ ଆନ୍ଦୋଳନ କରିବେ। ଯଦି ରାଜ୍ୟ ସରକାର ଦାବିଗୁଡ଼ିକ ଉପରେ କର୍ଣ୍ଣପାତ କରିବେ ନାହିଁ, ତେବେ ଆସନ୍ତା ୨୩ତାରିଖରେ ଭୁବନେଶ୍ୱରରେ ୧୦ହଜାର ନର୍ସିଂ କର୍ମଚାରୀ ସମାବେଶ କରିବେ ଏବଂ ୨୭ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ। ସଂଘର ଅଭିଯୋଗ ଅନୁସାରେ, ବରିଷ୍ଠ ନର୍ସିଂ ଅଫିସରଙ୍କ ୨୦୧୩ ପୂର୍ବରୁ ଥିବା ଛଅବର୍ଷ ଚୁକ୍ତିଭିତ୍ତିକ ଚାକିରି ସୀମାକୁ ମୂଳ ଚାକିରିରେ ମିଶାଇବା, ବରିଷ୍ଠତା ଭିତ୍ତିରେ ଉପର ପ୍ରମୋଶନାଲ ପୋଷ୍ଟରେ ନିଯୁକ୍ତି ଦେବା, ଡ୍ରେସ କୋଡ୍ ପରିବର୍ତ୍ତନ କରିବା ଆଦି ପ୍ରମୁଖ ଦାବି ରହିଛି। ସଂଘ ତରଫରୁ ଗତ ଜୁଲାଇ ୫ରେ ରାଜ୍ୟ ସରକାରଙ୍କ ନିକଟରେ ୧୦ ଦଫା ଦାବି ରଖାଯାଇଥିଲା। ମାତ୍ର ସରକାର ଏଯାଏ କୌଣସି ନିଷ୍ପତ୍ତି ନେଇନାହାନ୍ତି କି ଦାବି ପୂରଣ ନେଇ ସଙ୍ଘକୁ କୌଣସି ପ୍ରତିଶ୍ରୁତି ମିଳିନାହିଁ। ତେଣୁ ୧୪ ତାରିଖରୁ ରାଜ୍ୟବ୍ୟାପୀ ନର୍ସିଂ ଅଫିସରମାନେ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଥିବା ସଂଘ ପକ୍ଷରୁ କୁହାଯାଇଛି।

# ନୌସେନାରେ ସାମିଲ ହେଲେ ୧୩୮୯ ଅଗ୍ନିବୀର

## ଚିଲିକାରେ ସରିଲା ୪ର୍ଥ ବ୍ୟାଚ୍‌ଙ୍କ ପାସିଂ ଆଉଟ୍ ପରେଡ୍

ବାଲୁଗାଁ,୯।୮(ସଂଗ୍ରାମ ପାଇକରାୟ)



ପାସିଂ ଆଉଟ ପରେଡ୍‌ରେ ନୌସେନା ମୁଖ୍ୟ ଆଡ୍‌ମିରାଲ ଦିନେଶ କେ.ତ୍ରିପାଠୀ ଅଗ୍ନିବୀରଙ୍କଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି।

ଭାରତୀୟ ନୌସେନାର ଚିଲିକା ଶାଖା ତାଲିମ କେନ୍ଦ୍ରରେ ୧୬ ସପ୍ତାହ ଧରି ପ୍ରଶିକ୍ଷଣପ୍ରାପ୍ତ ୧୩୮୯ ନୌସେନା ଅଗ୍ନିବୀରଙ୍କ ପାସିଂଆଉଟ୍ ପରେଡ୍ ଶୁକ୍ରବାର ଶେଷ ହୋଇଛି। ଏଥିରେ ୨୧୬ ମହିଳା ନୌସେନା ଅଗ୍ନିବୀର ରହିଛନ୍ତି। ଆୟୋଜିତ ଏହି ୪ର୍ଥ ବ୍ୟାଚ୍ ପାସିଂଆଉଟ ପରେଡ୍‌ରେ ନୌସେନା ମୁଖ୍ୟ ଆଡ୍‌ମିରାଲ ଦିନେଶ କେ.ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଗ୍ନିବୀରଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଦକ୍ଷିଣ ନୌସେନା ମୁଖ୍ୟ ତଥା ଭାଇସ୍ ଆଡ୍‌ମିରାଲ ଭି. ଶ୍ରୀନିବାସ ପରେଡ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଏହି ପାସିଂଆଉଟ୍ ପରେଡ୍ ସମାରୋହରେ ମୁଖ୍ୟ ଅତିଥି ଆଡ୍‌ମିରାଲ ଦିନେଶ କେ. ତ୍ରିପାଠୀ ଅଗ୍ନିବୀରଙ୍କୁ ସେମାନଙ୍କର କଠିନ ପ୍ରଶିକ୍ଷଣର କର୍ତ୍ତବ୍ୟବୋଧତାକୁ ଉତ୍ସାହିତ କରିବା ସହ ଜଣେ ଲେଖାଏ ବଳିଷ୍ଠ ସାମୁଦ୍ରିକ ଯୋଦ୍ଧା ଭାବେ ଦେଶ ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ନୌସେନାର ଲକ୍ଷ୍ୟ ତଥା କର୍ତ୍ତବ୍ୟ, ସମ୍ମାନ ଓ ସାହସିକତାକୁ ପ୍ରାଧାନ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ସମାରୋହରେ ସମ୍ମାନିତ ଅତିଥିଭାବେ ପୂର୍ବ କମାଣ ପତାକା ଅଧିକାରୀ ରାଜେଶ ପେଦନାକାର, ବିଶିଷ୍ଟ କ୍ରୀଡା ବ୍ୟକ୍ତିତ୍ୱ ଓମ୍‌କାର ସିଂଙ୍କ ସମେତ ଉଚ୍ଚକୋଟୀର ଭେଟେରାନମାନେ ଉପସ୍ଥିତ ଥିଲେ। ସମାରୋହରେ ଦେଶ ସେବା ପାଇଁ ଯାତ୍ରା ଆରମ୍ଭ କରିଥିବା ଅଗ୍ନିବୀରଙ୍କ ମାତାପିତାଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଶ୍ରେଷ୍ଠ ବିବେଚିତ ଅଗ୍ନିବୀରଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା । ବିନୟ ମାରୁତି କଦମ ଏବଂ ସଞ୍ଜନାଙ୍କୁ ଯଥାକ୍ରମେ ଶ୍ରେଷ୍ଠ ଅଗ୍ନିବୀରଭାବେ ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ମହିଳା ଅଗ୍ନିବୀର ସାଧୀ ମୋହନ ମିର୍ଜେଙ୍କୁ ସ୍ୱର୍ଗତ ଜେନେରାଲ ବିପିନ ରାୱତ ରୋଲିଂ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ନିଜ ନିଜ ପାଠ୍ୟକ୍ରମରେ ଶ୍ରେଷ୍ଠ ପ୍ରଶିକ୍ଷକଭାବେ ଆଶିଷ ଓ ଯୁବରାଜଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷଣ ବେଳେ ସାମଗ୍ରୀକ ଭାବେ ଶିବାଜୀ ଡିଭିଜନକୁ ଚାମ୍ପିୟନଶିପ ଟ୍ରଫି ଏବଂ ଅର୍ଜୁନ ଡିଭିଜନକୁ ରନର୍ସ ଅପ୍ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଏନ୍‌ଏସ୍ ଚିଲିକାର ଦ୍ୱିଭାଷୀ ପତ୍ରିକା 'ଅଙ୍କୁର-୨୦୨୪' ସଂସ୍କରଣକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସୂଚନାଥାଉ କି, ପ୍ରଥମ ବ୍ୟାଚରେ ୨୫୮୫, ଦ୍ୱିତୀୟ ବ୍ୟାଚ୍ ୨୮୯୫ ଏବଂ ତୃତୀୟ ବ୍ୟାଚରେ ୨୬୩୦ଜଣ ପ୍ରଶିକ୍ଷଣପ୍ରାପ୍ତ ଅଗ୍ନିବୀର ଭାରତୀୟ ନୌସେନାରେ ଯୋଗଦେଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଉମେଶ



@ ଅଚ୍ଚୁ



@ ଅକ୍ଷୟ



@ ଓମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସେତୁ ଉପରେ ପରିଚୟପତ୍ର ରଖି କାଠଯୋଡ଼ିକୁ ଡେଇଁ ୨ ନିଖୋଜ

ବାରଙ୍ଗ,୯।୮(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ନିକଟ କାଠଯୋଡ଼ିର ନେତାଜୀ ସୁଭାଷ ସେତୁଠାରେ ପୁଣି ଅଘଟଣ ଘଟିଛି। ଶୁକ୍ରବାର ରାତିରେ ସେତୁ ଉପରୁ ୨ଜଣ ନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ଏହି ଦୁଇଜଣଙ୍କ ମଧ୍ୟରେ ଜଣେ ମହିଳା ଏବଂ ଅନ୍ୟଜଣେ ଯୁବକ ରହିଛନ୍ତି। ମହିଳା ଜଣଙ୍କ ବାଙ୍କୀ ଥାନା ଅଧୀନ ବାଆଁରା ପଞ୍ଚାୟତ ରାମଚଣ୍ଡୀ ଗ୍ରାମର ବର୍ଷା ଲେଙ୍କା ହୋଇଥିବା ବେଳେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ବାରଙ୍ଗ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳିପାରି ନାହିଁ। ପ୍ରକାସ ଯେ, ରାତି ପ୍ରାୟ ୮ଟାରେ ଜଣେ ମହିଳା ଓ ଜଣେ ଯୁବକ ତ୍ରିଶୂଳିଆ ସୁବାଷ ସେତୁ ଉପରେ ନିଜର ମୋବାଇଲ ଫୋନ, ପରିଚୟପତ୍ର, କିଛି କାଗଜପତ୍ର ରଖି ହଠାତ୍ କାଠଯୋଡି ନଦୀକୁ ଡେଇଁପଡ଼ିଥିଲେ। ଏହି ସମୟରେ ସେତୁ ଉପରେ ଯାଉଥିବା ଲୋକେ ଏହା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ବାରଙ୍ଗ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ସନ୍ଧାନ ପାଇପାରି ନାହାନ୍ତି। ରାତି ହୋଇଯାଇଥିବା ସହ ପାଣି ଅଧିକ ଥିବାରୁ ଖୋଜାଖୋଜି କରିବାରେ ବ୍ୟାଘାତ ମଧ୍ୟ ସୃଷ୍ଟି ହୋଇଥିଲା। ତେବେ ସେତୁ ଉପରେ ଥିବା ମୋବାଇଲ ଫୋନ, ଆଧାରକାର୍ଡ ଏବଂ କାଗଜପତ୍ର ମିଳିବା ପରେ ମହିଳାଙ୍କ ପରିଚୟ ପାଇଥିଲା ପୋଲିସ। ପରିଚୟ ମିଳିବା ପରେ ପୋଲିସ ମହିଳାଙ୍କ ପରିବାରକୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଅନ୍ୟପଟେ ସେମାନେ କାହିଁକି ନଦୀକୁ ଡେଇଁଲେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୬ରେ ପାଠପଢ଼ା ବନ୍ଦ ରଖିବେ ୬୬୨ ବର୍ଗ କଲେଜ ଅଧ୍ୟାପକ

ଭୁବନେଶ୍ୱର, ୯।୮(ଅସମାପିକା ସାହୁ)

୬୬୨ ବର୍ଗ କଲେଜ ଅଧ୍ୟାପକ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ଦୀର୍ଘଦିନର ଦାବି ଚାକିରି ସର୍ତ୍ତାବଳୀ ସହ ସମସ୍ତ କର୍ମଚାରୀଙ୍କୁ ପେନ୍‌ସନ ପରିସରଭୁକ୍ତ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରି ବିଭିନ୍ନ ବର୍ଗ ମଧ୍ୟରେ ଥିବା ଦରମା ଅସଙ୍ଗତି ଦୂର କରିବା, ଚାକିରି ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବି ଉପରେ ଆଲୋଚନା କରାଯାଇଥିଲା। ଦୀର୍ଘଦିନର ଏହି ଦାବିକୁ ପୂର୍ବ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପୂରଣ କରି ନ ଥିଲେ। ବିଶେଷକରି ସମସ୍ତଙ୍କୁ ପେନ୍‌ସନ ଦେବା ପାଇଁ ବର୍ତ୍ତମାନର ସରକାର ସହୃଦୟତାର ସହ ବିଚାର କରି ତୁରନ୍ତ ସମାଧାନ କରିବା ପାଇଁ ନିବେଦନ କରାଯାଇଥିଲା। ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଚଳିତ ମାସ ୧୬ ତାରିଖରେ ସଂଘ ପକ୍ଷରୁ ଗାନ୍ଧୀ ମାର୍ଗରେ ଶିକ୍ଷକ ଦାବି ଦିବସ ପାଳନ କରାଯିବ। ସଂଘ ପକ୍ଷରୁ ଏକ ବିଶାଳ ପଟୁଆର ମାଷ୍ଟର କ୍ୟାଣ୍ଟିନ ଛକରୁ ବାହାରି ପିଏମ୍‌ଜି ଛକରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ଓ ସେଠାରେ ଏକ ପ୍ରତିବାଦ ସଭାରେ ରାଜ୍ୟର ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ରାଲିକୁ ସମ୍ବୋଧନ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହିଦିନ ଏହି ବର୍ଗର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପାଠପଢ଼ା ବନ୍ଦ ରହିବ ଏବଂ ଅଧ୍ୟାପକ ଓ କର୍ମଚାରୀମାନେ ଛୁଟିରେ ରହି ତାଙ୍କର ହକ୍ ଦାବି ପାଇଁ ପ୍ରତିବାଦ କରିବେ। ସେହିଦିନ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସଂଘର ରାଜ୍ୟ ସଭାପତି ଗୋଲକ ନାୟକ, ଦୁଇ ସାଧାରଣ ସମ୍ପାଦକ ସତାପ ଉଦ୍ଦିନ ଅହମ୍ମଦ, ଡ. ଗଗନ ବେଉରା, ୩୦ ଜିଲାର ସଭାପତି, ସମ୍ପାଦକମାନେ ଉପସ୍ଥିତ ରହି ଦାବିଗୁଡ଼ିକ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

